ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.164 Bhubaneswar Saturday August 05 2023 | ୨୬ତମ ବର୍ଷ ସଂଖ୍ୟା-୧୬୪ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୨୧ ଜିଲ୍ଲାରେ ବର୍ଷା-ବନ୍ୟା ବିପ୍ୱାତ: ୫ଟି ସ୍ଥାନରେ ଘାଇ, ୪.୧୧ ଲକ୍ଷ ଲୋକ ପ୍ରଭାବିତ, ୨୩୨୯ ଘର ନଷ୍ଟ

ଭୁବନେଶ୍ୱର,୪।୮(ପି.ଏନ): ଲଗାଣ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ୨୧ଟି ଜିଲ୍ଲାର ମୋଟ ୧୩୬ଟି ବ୍ଲକର ୧୮୮୯ଟି ଗାଁ ଓ ୨୬ଟି ପୌରାଂଚଳର ୧୦୧ଟି ୱାର୍ଡର ମୋଟ ୪ଲକ୍ଷ ୧୧ହଜାର ୩୩୮ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୫୧୬୭୮ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବନ୍ୟାରେ ୨ଜଣଙ୍କ ମୃତ୍ୟୁ ହୋଇଛି । ଏହି କ୍ଷତିଗ୍ରସ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ବୌଦ୍ଧ ଓ ଜଗତସିଂହପୁର ଜିଲ୍ଲାରେ ମହାନଦୀରେ ଗୋଟିଏ ଲେଖାଏଁ ଘାଇ ହୋଇଥିବାବେଳେ ଯାଜପୁର ଜିଲ୍ଲାରେ ବ୍ରାହ୍ମଣୀରେ ଗୋଟିଏ ଓ କାଣୀ ନଦୀରେ ୨ଟି ଘାଇ ହୋଇଥିବା ସୂଚନା ମିଳିଛି । ଏବେ ନଦୀଗୁଡିକର ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ନରାଜଠାରେ ମହାନଦୀ ଏବଂ ଆଖୁଆପଦାଠାରେ ବୈତରଣୀ ନଦୀ ବିପଦ ସଙ୍କ ?ତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ପରିସ୍ଥିତର ମୁକାବିଲା ପାଇଁ ରାଜ୍ୟ ସରକାର ୧୬ଟି ଜିଲ୍ଲାରେ ୧୩ଟି ଓଡ୍ରାଫ, ୮ଟି ଏନଡିଆରଏଫ ଓ ୮୫ଟି ଅଗ୍ନିଶମ ବାହିନୀ ଟିମକୁ ମୁତୟନ କରିଛନ୍ତି ।ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନ ୩ଟା ସୁଦ୍ଧା ରାଜ୍ୟର ୩ଟି ଜିଲ୍ଲା ବୌଦ୍ଧ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ ମୋଟ ୫ଟି ଘାଇ ହୋଇଛି । ବୌଦ୍ଧ ଜିଲ୍ଲାର କେଭିଠାରେ ମହାନଦୀରେ ୧୦୦ମିଟର ଲମ୍ବ ନଦୀ ବନ୍ଧ ଧୋଇ ଯାଇଥିବାବେଳେ ଜଗତସିଂହପୁର



ଜିଲ୍ଲାର କୁଜଙ୍ଗ ନିକଟସ୍ଥ ତେରମାଣପୁରଠାରେ ମହାନଦୀରେ ପ୍ରାୟ ୨୦ମିଟର ଘାଇ ହୋଇଛି । ସେହିପରି ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ବନ୍ଧଡିହାଠାରେ ବ୍ରାହ୍ମଣୀ ନଦୀରେ ୧୦ମିଟର ଘାଇ ହୋଇଛି । ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ମଲ୍ଲିକାପୁର ଓ ଶାସନ ଗାଁ ନିକଟରେ କାଣୀ ନଦୀରେ ୨ମିଟର ଓ ୫ମିଟରର ଘାଇ ହୋଇଥିବା ଜଣାପଡିଛି । ଏସବୁ ଘାଇକୁ ମରାମତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ଗତ ୨୪ଘଣ୍ଟା ମଧ୍ୟରେ ବର୍ଷା କମିଛି ଓ ହାରାହାରି ୩.୧ ମିମି ବର୍ଷା ରେକର୍ଡ କରାଯାଇଛି । ନଦୀଗୁଡିକର ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଆଜି ଅପରାହ୍ନ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୨୫ଫୁଟ୍ ଥିବାବେଳେ ଜଳଭଣ୍ଡାର ଭିତରକୁ ୪ଲକ୍ଷ ୯୨ହଜାର ୯୧୧କ୍ୟୁସେକ ଜଳ ପ୍ରବେଶ କରୁଛି ୭ଟି ଗେଟ ଦେଇ ୧ଲକ୍ଷ ୫୬ହଜାର ୬୭୬କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଖଇରମାଳଠାରେ ୨.୮୨ଲକ୍ଷ କ୍ୟୁସେକ, ବରମୂଳଠାରେ ୪.୨୦ଲକ୍ଷ କ୍ୟୁସେକ ଓ ମୁଣ୍ଡଳୀଠାରେ ୬.୨୦ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ତେବେ କଟକରର ନରାଜଠାରେ ମହାନଦୀର ଜଳସ୍ତର ୨୫.୭୨ଫୁଟ ଥିବାବେଳେ ଏଠାରେ ବିପଦ ସଙ୍କେତ ୨୫.୪୧ଫୁଟ ରହିଛି । ସେହିପରି ଆଖୁଆପଦାଠାରେ ବୈତରଣୀ ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଏଠାରେ ବିପଦ ସଙ୍କ ?ତ ୧୭.୩୩ଫୁଟ ଥିବାବେଳେ ବୈତରଣୀର ଜଳସ୍ତର ୧୭.୯୪ଫୁଟରେ ପ୍ରବାହିତ ହେଉଛି । ଅନ୍ୟ କୌଣସି ସ୍ଥାନରେ ଜଳସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ମିଳିନି ।ସେପଟେ ଲଗାଣ ବର୍ଷା ଯୋଗୁ ରାଜ୍ୟର ୧୦ଟି ଜିଲ୍ଲା ଯଥା- ବରଗଡ, ବଲାଙ୍ଗିର, ଢେଙ୍କାନାଳ,ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲାର ମୋଟ ୭୯ଟି ବ୍ଲକର ୨୬୯ଟି ପଂଚାୟତର ୪୭୩ଟି ଗାଁ ଏବଂ ୧୪ଟି ପୌରାଂଚଳର ୫୬ଟି ୱାର୍ଡ ପ୍ରଭାବିତ ହୋଇଛି । ପ୍ରାୟ ୨୮୦୪ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ଓ ୨୩୬ଟି ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇଛି । ବର୍ଷା ବିପ୍ୱାତରେ ଏସବୁ ଜିଲ୍ଲାର ମୋଟ ୭୩୯ଟି ଘର ନଷ୍ଟ ହେବା ସହ ୧୧୭୦୮ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି ।

## ଲାଂଚ ନେଇ ଧରାପଡିଲେ ଗୋଡା ଆରଆଇ

ଭୁବନେଶ୍ୱର, ୪।୮(ପି.ଏନ): ୬ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଗତସିଂହପୁର ଜିଲ୍ଲା ଏରସମା ତହସିଲର ଗୋଡ଼ା ରାଜସ୍ୱ ନିରୀକ୍ଷକ (ଆରଆଇ) ନୃସିଂହ ଚରଣ ରାଉତ। ଏକ ଜମି ମ୍ୟୁଟେସନ ମାମଲାରେ ଅଭିଯୋଗକାରୀ ବ୍ୟକ୍ତିଙ୍କ ସପକ୍ଷରେ ରିପୋର୍ଟ ଦେବା ପାଇଁ ଆରଆଇ ନୃସିଂହ ଚରଣ ରାଉତ ଏହି ଲାଂଚ ନେଉଥିଲେ। ତାଙ୍କଠାରୁ ସମସ୍ତ ଲାଂଚ ଅର୍ଥ ଜବତ କରାଯାଇଛି। ଧରାପଡ଼ିବା ପରେ ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ମାମଲାରେ ନୃସିଂହ ଚରଣ ରାଉତଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

## ଭାର ରେ ବୁହାହେଲେ ଗର୍ଭବତୀ

ମାଲକାନଗିରି,୪।୮(ପି.ଏନ): ପୁଣି ଜନନୀ ଯନ୍ତ୍ରଣା। ଗ୍ରାମ କୁ ରାସ୍ତା ନଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ। ଯାହା ଫଳରେ ଗର୍ଭବତୀ ମହିଳାଙ୍କୁ ୫ କିମି ବୋହିଲେ ସ୍ୱାମୀ ବାବୁଲା ପାଙ୍ଗି , ପରିବାର ବର୍ଗ ଓ ଗ୍ରାମବାସୀ। ସୁମିତ୍ରା ପାଙ୍ଗି ନାମକ ଏକ ମହିଳା କୁ ପ୍ରସବ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସ କୁ ଜଣାଇଲେ ପରିବାର ଲୋକେ, କିନ୍ତୁ ବର୍ଷା ଯୋଗୁଁ ଗାଁ ନାଳ ରେ ପାଣି ବଢି ରାସ୍ତା ଖାଇଯିବାରୁ ଆମ୍ବୁଲାନ୍ସ ଆସିପାରି ନଥିଲା।ଘଟଣା ହେଉଛି ଚିତ୍ରକୋଣ୍ଡା ବ୍ଲକ ରାଲେଗଡ଼। ଅନ୍ତର୍ଗତ କଦମଖୋଲା ଗାଁ ର। ପାଖାପାଖି ୫ କିଲୋମିଟର ନଈ ନାଳ , କାଦୁଅ ରାସ୍ତା ରେ ବୋହିବା ପରେ ଗେଜେଡ ଗ୍ରାମ ଠାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ପାଇଲେ। ବର୍ତ୍ତମାନ ମହିଳା ଜଣଙ୍କ ଜାନବାଇ ମେଡିକାଲ ରେ ଭର୍ତି ହୋଇଛନ୍ତି ଏବଂ ଏକ ଶିଶୁ ପୁତ୍ର ହୋଇଛି,ଉଭୟ ମାଆ ଓ ନବଜାତ ଶିଶୁ ସୁସ୍ଥ ଅଛନ୍ତି।

## ରୋଗୀଙ୍କୁ ଡାକ୍ତର କହିଲେ- ସମୟ ସରିଆସିଲାଣି, ଘରକୁ ପଳାଅ...

ସମୟ ସରିଆସିଲାଣି, ଘରକୁ ପଳାଅ...। ଏକ ସରକାରୀ ମେଡିକାଲ୍ ?ରେ ଜଣେ ରୋଗୀଙ୍କୁ ଏପରି କହିଲେ ଡାକ୍ତର ! ଯେଉଁଥିପାଇଁ ରୋଗୀଣା ଶରୀରକୁ ଧରି ଘରକୁ ଫେରିଆସିଲେ ରୋଗୀ। ଚିକିତ୍ସା ବିଜ୍ଞାନ ଉପରେ ଭରସା ତୁଟିବାରୁ ଗୁଣି ଗାରେଡି ଉପରେ ସେ କରିଛନ୍ତି ଭରସା। ରୋଗ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଗୁଣିଆ ଡାକି ଘରେ ପୂଜା କରିଛନ୍ତି। କୁକୁଡା ବଳି ମଧ୍ୟ ଦେଇଛନ୍ତି। ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରୁ ଆସିଛି ଏପରି ଅଭିଯୋଗ। ବରଦାପାଳ ପଞ୍ଚାୟତ ହେସଲଗୁଠ ସାହିର ଶଙ୍କର ମୁଣ୍ଡା। ପରିବାର କହିଲେ ସ୍ତ୍ରୀ ଓ ୬ ପୁଅଝିଅ। ମୂଳ ମଜୁରୀ ଲାଗି ପରିବାର



ଚଳାଉଥିଲେ। ଅଭାବ ଅନଟନ ଭିତରେ ଜୀବନ ଜୀଉଁଥିଲେ ମଧ୍ୟ ମନରେ କେବେ ନଥିଲା ଦୁଃଖ। ନିଜ ରୋଜଗାରରେ ବେଶ ହସ ଖୁସିରେ ଚଳୁଥିଲେ ଶଙ୍କର। ହେଲେ ତାଙ୍କର ସେହି ହସ ଖୁସିର ସଂସାରରେ ଲାଗିଲା କାହାର ନଜର। ହଠାତ୍ ? ଅସୁସ୍ଥ ହୋଇପଡିଲେ ଶଙ୍କର ମୁଣ୍ଡା। ଦେହ, ହାତ, ଗୋଡ ସବୁ ଶୁଖିଗଲା। ପେଟ ଫୁଲିଗଲା। ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ। ଠିକ୍ ?ରେ ଖାଇପିଇ ପାରିଲେ ନାହିଁ।

## ହିରାକୁଦ ଡ୍ୟାମରେ ପୁଣି ଖୋଲାଯିବ ୫ଟି ଗେଟ୍: ସୂଚନା ଜାରି କଲେ ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୪।୮(ପି.ଏନ): ଗତ ମାସ ୨୩ ତାରିଖରେ ହୀରାକୁଦ ଡ୍ୟାମରୁ ବର୍ଷର ପ୍ରଥମ ବନ୍ୟା ଜଳ ଛଡା ଯାଇଥିଲା । ଏନେଇ ଜୁଲାଇ ୨୦ ତାରିଖରେ ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଥିଲା । ପୂଜାର୍ଚ୍ଚନା କରାଯାଇ ୫ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟା ଜଳ ଛଡା ଯାଇଥିଲା । ୭ ନମ୍ବର ଗେଟ୍ ଦେଇ ପ୍ରଥମେ ବନ୍ୟା ଜଳ ଛଡାଯାଇଥିଲା ଓ ଏହାପରେ ୨୪ ତାରିଖରେ ପୁଣି ଆଉ ୩ଟି ଗେଟ୍ ଖୋଲା ଯାଇଥିଲା ।ତେବେ ହୀରାକୁଦରେ ବନ୍ୟା ଜଳ ଛଡାଯିବା ଫଳରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା । ମୁଣ୍ଡଳୀରେ ୭ ଲକ୍ଷରୁ ଅଧିକ ଜଳ ପ୍ରବାହିତ ହୋଇଥିଲା । ଫଳରେ ଏହାକୁ ନେଇ ଲୋକମାନେ



ଆତଙ୍କିତ ହୋଇ ପଡିଥିଲେ । ତେବେ ଏହା ମଧ୍ୟରେ ଆସିଛି ପୁଣି ଏକ ବଡ ଖବର । ହୀରାକୁଦରେ ଏବେ ଦୁଇଟି ଗେଟ୍ ଖୋଲା ଯାଇଥିବା ବେଳେ ଆଉ ୫ଟି ଗେଟ୍ ଖୋଲାଯିବ । ଏଭଳି ଭାବେ ମୋଟ ୭ଟି ଗେଟ ଦେଇ ବନ୍ୟା ଜଳ ନିଷ୍କାସିତ ହେବ ।ହୀରାକୁଦ ନଦୀବନ୍ଧରେ ଆଉ ୫ଟି ଗେଟ୍ ଖୋଲାଯିବା ନେଇ ସୂଚନା ଜାରି କରିଛନ୍ତି ଜଳ ସମ୍ପର୍କ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ । ଚଳିତ ବର୍ଷର ବନ୍ୟାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ । ଦିନ ୨ଟା ବେଳେ ପ୍ରଥମ ପର୍ଯ୍ୟାୟରେ ଆଉ ୫ଟି ଗେଟ୍ ଖୋଲିବ । ମୋଟ ୭ଟି ଗେଟ୍ ଦେଇ ହିରାକୁଦରୁ ବନ୍ୟାଜଳ ନିଷ୍କାସିତ ହେବ । ଗେଟ୍ ଖୋଲାଯିବା ପରେ ମୁଣ୍ଡଳିରେ ୪ ଲକ୍ଷ କ୍ୟୁସେକ ଜଳ ପାସ କରିବ ବୋଲି ଏକ ପ୍ରେସମିଟରେ ଯନ୍ତ୍ରୀ କହିଛନ୍ତି।

## ସଦସ୍ୟତା ଫେରି ପାଇବାକୁ କଣ କରିବେ ରାହୁଲ ?

ନୂଆଦିଲ୍ଲୀ,୪।୮(ପି.ଏନ): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ବଡ ଆସ୍ୱସ୍ତି। ମୋଦୀ ସାଙ୍ଗିଆ ନେଇ ସେ ଦେଇଥିବା ଆପତ୍ତିକର ଟିପ୍ପଣୀ ଉପରେ ସୁପ୍ରିମକୋର୍ଟ ତାଙ୍କୁ ବଡ ଆସ୍ୱସ୍ତି ଦେଇଛନ୍ତି। ଏହାପରେ ସଂସଦରେ ତାଙ୍କ ପୁନଃପ୍ରବେଶ ପାଇଁ ପଥ ପରିଷ୍କାର ହୋଇଯାଇଛି। ବର୍ତ୍ତମାନ ବଡ ପ୍ରଶ୍ନ ହେଉଛି କି, ଏପରି ମାମଲାରେ ଲୋକସଭା ସଚିବାଳୟ ସଦସ୍ୟତା ଫେରାଇବାକୁ କେତେ ସମୟ ନେଇଥାଏ ? ଆସନ୍ତା ମଙ୍ଗଳବାର ସଂସଦରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବାକୁ ଥିବାରୁ ରାହୁଲ ଗାନ୍ଧୀ ବିତର୍କରେ ଭାଗ ନେଇ ପାରିବେ କି ? ସଦସ୍ୟତା ପୁନରୁଦ୍ଧାର ପ୍ରକ୍ରିୟା ଅନୁଯାୟୀ, ରାହୁଲ ଗାନ୍ଧୀଙ୍କୁ ଲୋକସଭା ସଚିବଙ୍କ ନିକଟରେ ଏନେଇ ଏକ ପତ୍ର



ଦାଖଲ କରିବାକୁ ପଡିବ। ଯେଉଁଥିରେ ସୁପ୍ରିମକୋର୍ଟ ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ କରିଥିବାରୁ ୱାଏନାଡରୁ ସାଂସଦ ଭାବରେ ତାଙ୍କର ସ୍ଥିତି ପୁନଃସ୍ଥାପିତ ହେବା ଉଚିତ ବୋଲି ଉଲ୍ଲେଖ କରିବେ। ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟଙ୍କ ଆଦେଶର ଏକ ନକଲ ସଚିବାଳୟରେ ଦାଖଲ କରିବାକୁ ପଡିବ। ଏହାପରେ ଏକ ବିଜ୍ଞପ୍ତି ପ୍ରକାଶ ପାଇବ। ସେପଟେ ସୁପ୍ରିମକୋର୍ଟଙ୍କ ଆଦେଶର ଏକ ଘଣ୍ଟା ପୂର୍ବରୁ କଂଗ୍ରେସ ନେତା ଆଧୀର ରଞ୍ଜନ ଚୌଧୁରୀ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଗାନ୍ଧୀଙ୍କ ସଦସ୍ୟତା ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଚୌଧୁରୀ କହିଛନ୍ତି, 'ରାହୁଲ ଗାନ୍ଧୀଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଆସ୍ୱସ୍ତି ହେଉଛି ସତ୍ୟର ବିଜୟ। ଆମେ ଆଶା କରୁଛୁ ସତ୍ୟ ଜିତିବ।'

## ସଂସ୍କୃତି ନିର୍ଦ୍ଦେଶକ ଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ପୁରୀ,୪।୮(ପି.ଏନ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ଟିମ ଆଜି ପୁରୀ ଗସ୍ତ କରିଥିଲେ। ପରିକ୍ରମା ପ୍ରକଳ୍ପ ଅଧୀନସ୍ଥ ମଠ ଗୁଡିକର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣା ବେକ୍ଷଣ ଆଦି ଉପରେ ଆଲୋଚନା କରାଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ ।ଏହି ଟିମ ରେ ଉପଜିଲ୍ଲାପାଳ ଭବତାରଣ ସାହୁ , ଅଧିକ୍ଷକ ରାଜ୍ୟ ପ୍ରନ୍ତତ୍ୱ ସଂସ୍ଥା, ଭାରତୀୟ ପ୍ରନ୍ତତ୍ୱ ସଂସ୍ଥା ର ଅଧିକାରୀ , OBCC ର ବରିଷ୍ଠ



ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ସାମିଲ ହୋଇ ୧୭ ରୁ ଉର୍ଦ୍ଧ ମଠ ପରିଦର୍ଶନ କରିଥିଲେ ।

## ପୋଡିଗଲା ମେଡିସିନ ଗୋଦାମ, ଲକ୍ଷାଧିକ ଟଙ୍କାର ଔଷଧ ପାଉଁଶ !

ପୋଡିଗଲା ମେଡିସିନ୍ ଗୋଦାମ। ଯାହାଫଳରେ ଲକ୍ଷାଧିକ ଟଙ୍କାର ମେଡିସିନ୍ ପୋଡି ପାଉଁଶ ହୋଇଯାଇଛି। ତେବେ ଅଗ୍ନିକାଣ୍ଡ କାରଣ ଜଣାପଡି ନାହିଁ। ଆଜି ସନ୍ଧ୍ୟା ବେଳେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଟିଛି ଏପରି ଅଘଟଣ।ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଏକ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଦେଖୁଦେଖୁ କୁଳିଅଣା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କ୍ୟାମ୍ପସରୁ ପ୍ରବଳ ଧୂଆଁ ବାହାରିବା ସହିତ ନିଆଁ ଜଳିଥିଲା।

## ପ୍ରକାଶ ପାଇଲା 'ଲକଡାଉନ'ର ଅନ୍ତର୍ଜାତୀୟ ସମୀକ୍ଷା 'ଏ ଟେପେଷ୍ଟ୍ରି ଅଫ ୱର୍ଡସ'

ଭବାନୀପାଟଣା,୪।୮(ପି.ଏନ): ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ପରିସରକୁ ଆସିଥିବା କବି ଭବାନୀ ଶଙ୍କର ନିଆଲଙ୍କ ଇଂରାଜୀ କବିତା ସଂକଳନ 'ଲକଡାଉନ'ର ଅନ୍ତର୍ଜାତୀୟ ସମୀକ୍ଷା 'ଏ ଟେପେଷ୍ଟ୍ରି ଅଫ ୱର୍ଡସ',ଦି ପଏଟିକ ଲିଗାସି ଅଫ ଡ. ଭବାନୀଶଙ୍କର ନିଆଲ' ପ୍ରକାଶିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା ତଥା ଭାଷାବିତ ପ୍ରଫେସର ଇରେନେ ଗୈରା କାବାଡିଆ ସମ୍ପାଦନା କରିଛନ୍ତି। ଶ୍ରୀମତୀ କାବାଡ଼ିଆ ବହୁଭାଷୀ ଅନୁବାଦିକା ଭାବେ ଯେତିକି ପରିଚିତ, ଅନ୍ତର୍ଜାତୀୟ ଲେଖକ ପ୍ରକାଶନୀ ସଂସ୍ଥାର ସମ୍ପାଦିକା ଭାବେ ବେଶ ପରିଚିତ। ଅନେକ ବିଶ୍ୱସ୍ତରୀୟ ଲେଖକୀୟ ପ୍ରକାଶନୀ ଓ ସଂସ୍ଥା ସହ ସେ ଜଡିତ ଥିବା ବେଳେ ନିଜର ପାଠକୀୟତା ପାଇଁ ସେ ଅନେକ ପୁରସ୍କାରପ୍ରାପ୍ତ। ତାଙ୍କ ଦ୍ୱାରା ଏହା ସମ୍ପାଦିତ ହେବାରେ ପ୍ରଥମ ଭାରତୀୟ ପୁସ୍ତକ। ଇଂରାଜୀରେ ଏହାକୁ କବି ବଂକିମ ମୁଣ୍ଡ ଅନୁବାଦ କରିଥିବା ବେଳେ ଇଟାଲୀ, ଜର୍ମାନ, ଫ୍ରେଞ୍ଚ, ପର୍ତ୍ତୁଗୀଜ ଭାଷାରେ ଏହା ବିଭିନ୍ନ ଆନ୍ତର୍ଜାତିକ ଖ୍ୟାତନାମା କବିଙ୍କ ଦ୍ୱାରା ଅନୁବାଦ କରାଯାଇଛି। ଏହାକୁ ରାଇଟର୍ସ ଇଣ୍ଟରନେସନାଲ ଏଡିସନ ଏଥେନ୍ସ ଓ ମହୀଶୂର ପ୍ରକାଶନୀ ସଂସ୍ଥା ପ୍ରକାଶିତ କରିଥିବା ସ୍ଥଳେ ଏହି ସଂସ୍ଥାର ସିଇଓ ପ୍ରୀତ ପଦ୍ମନାଭନ ନାମ୍ବିଆର ପ୍ରକାଶକ ରହିଛନ୍ତି। ଏହି ପୁସ୍ତକ ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ ହେଉଛି। ସୂଚନାଯୋଗ୍ୟ ଯେ ଶ୍ରୀ ନିଆଲ କରୋନା ସମୟରେ 'ଲକଡାଉନ' କବିତା ସଂକଳନ ମାଧ୍ୟମରେ ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। କବିତାରେ ମୃତ୍ୟୁ ଚେତନାର କଳା ଓ ନାନ୍ଦନିକତା ଯୋଗୁଁ ସେ ସମକାଳୀନ ବିଶ୍ୱ ସାହିତ୍ୟରେ ପାଠକ ମାନଙ୍କ ଚର୍ଚ୍ଚାର ପରିସରକୁ ଆସିଥିଲେ। କ୍ରମାଗତ ଭାବେ ତାଙ୍କର କବିତା ସବୁ ପୃଥିବୀର ୨୦ରୁ ଉର୍ଦ୍ଧ୍ୱ ଭାଷାରେ ଅନୂଦିତ ହୋଇସରିଛି। ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ଚଳଚଞ୍ଚଳ କବି ଶ୍ରୀ ନିଆଲଙ୍କ ପୂର୍ବରୁ ୩ଟି ଓଡ଼ିଆ କବିତା ସଂକଳନ ସମେତ ହିନ୍ଦୀ ସଂକଳନ ରହିଛି। ସମ୍ପ୍ରତି ଲବ୍ଧପ୍ରତିଷ୍ଠ ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସମ୍ପାଦକ ସହ ବିଭିନ୍ନ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନୀତ ହେବା ସଙ୍ଗେ ସଙ୍ଗେ ଅନେକ ସଂଗଠନର ଅଧକ୍ଷ ଓ ସଦସ୍ୟ ଭାବେ କାର୍ଯ୍ୟରତ। ଏହି ସମୀକ୍ଷା ପୁସ୍ତକ ପ୍ରକାଶିତ ହେବା ଖବର ମାତ୍ରେ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।

## ରାଜ୍ୟ ବିଜେପିର ନୂଆ ଟିମ୍ ଘୋଷଣା: ୩୫ ଜଣିଆ ତାଲିକା ଜାରି କଲେ ମନମୋହ

ଭୁବନେଶ୍ୱର, ୪।୮(ପି.ଏନ): ଦୀର୍ଘ ଦିନର ପ୍ରତୀକ୍ଷା ପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କର ନୂଆ ଟିମ ଘୋଷଣା କରିଛନ୍ତି । ମନମୋହନ ସାମଲଙ୍କ ଅନୁମୋଦନ ପରେ ଦଳ ପକ୍ଷରୁ ନୂଆ ଟିମର ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ମୋଟ ୩୫ ଜଣଙ୍କ ନାମ ରହିଛି । ଏଥିରେ ୧୦ ଜଣ ଉପସଭାପତି ଓ ୫ ଜଣ ସାଧାରଣ ସମ୍ପାଦକ ଅଛନ୍ତି । ସେହିପରି ରାଜ୍ୟ ସମ୍ପାଦକ ଭାବେ ଦଶ ଜଣଙ୍କ ନାମ ଘୋଷଣା କରାଯାଇଛି । ସେହିପରି କୋଷାଧ୍ୟକ୍ଷ ଓ ଯୁଗ୍ମ କୋଷାଧ୍ୟକ୍ଷ ତଥା କାର୍ଯ୍ୟାଳୟ ସମ୍ପାଦକ ଓ ସୋସିଆଲ ମିଡିଆ ଇନଚାର୍ଜଙ୍କ ନାମର ମଧ୍ୟ ଘୋଷଣା କରାଯାଇଛି । ବିଜେପି ପକ୍ଷରୁ ଜାରୀ କରାଯାଇଥିବା ତାଲିକା ଅନୁସାରେ ଉପସଭାପତି ଭାବେ ନାଉରି ନାୟକ, ଅପରାଜିତା ଷଡ଼ଙ୍ଗୀ, ରବି ନାଏକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର,



ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋଲକ ପ୍ରସାଦ ମହାପାତ୍ର, କୁସୁମ ଟେଟେ, ଲେଖାଶ୍ରୀ ସାମନ୍ତସିଂହାର, ସୁକେଶୀ ଓରାମ, ବିରଂଚି ନାରାୟଣ ତ୍ରିପାଠୀ ପ୍ରମୁଖ ରହିଥିବାବେଳେ ସାଧାରଣ ସମ୍ପାଦକ ଭାବେ ଯତୀନ ମହାନ୍ତି, ପୂର୍ଣ୍ଣିମା କେର୍କେଟା, ସାରଦା ପ୍ରସାଦ ଶତପଥୀ, ମାନସ କୁମାର ମହାନ୍ତି, ସିମାଂଚଳ ଖଟେଇ ପ୍ରମୁଖ ରହିଛନ୍ତି ।ସେହିପରି ସମ୍ପାଦକ ଭାବେ ରମେଶ ଚନ୍ଦ୍ର ସାହୁ, ଟଙ୍କଧର ତ୍ରିପାଠୀ, ନବୀନ ରାମ, ସିପ୍ରା ବାଜପେୟୀ, ଅଭିମନ୍ୟୁ ସେଠୀ, ସରୋଜ କୁମାର କର, କୃଷ୍ଣଚନ୍ଦ୍ର ମହାପାତ୍ର, କସ୍ତୁରୀ ମିଶ୍ର, ପୂର୍ଣ୍ଣିମା ନାୟକ, ଇରାସିସ ଆଚାର୍ଯ୍ୟ ପ୍ରମୁଖ ରହିଛନ୍ତି । କୋଷାଧ୍ୟକ୍ଷ ଭାବେ ସୁଦର୍ଶନ ଗୋଏଲ ରହିଥିବା ବେଳେ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନଙ୍କ ନାମ ଘୋଷଣା କରାଯାଇଛି । କାର୍ଯ୍ୟାଳୟ ସମ୍ପାଦକ ଭାବେ ଦେବେନ୍ଦ୍ର ନନ୍ଦଙ୍କୁ ଦାୟିତ୍ୱ ଦିଆଯ ।ଇଥିବା ବେଳେ ଉମାକାନ୍ତ ପଟ୍ଟନାୟକଙ୍କୁ ରାଜ୍ୟ ସୋସିଆଲ ମିଡିଆ ମୁଖ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ହୋଇଥିବାବେଳେ ମହିଳାମୋର୍ଚ୍ଚା ସଭାପତି ହୋଇଛନ୍ତି ଐଶ୍ୱର୍ଯ୍ୟା ବିଶ୍ୱାଳ । ମହେଶ୍ୱର ସାହୁ କୃଷକ ମୋର୍ଚ୍ଚାର ସଭାପତି, ଏସଟି ମୋର୍ଚ୍ଚାର ସଭାପତି ଭାବେ ନିତ୍ୟାନନ୍ଦ ଗଣ୍ଡ, ଏସସି ମୋର୍ଚ୍ଚା ସଭାପତି ଭାବେ ବିଭୁ ପ୍ରସାଦ ତରାଇ, ଓବିସି ମୋର୍ଚ୍ଚା ସଭାପତି ଭାବେ ସୁରଥ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି ।

## ଓଡିଶାରେ ବଢୁଛି ଶିଶୁ ଚାଲାଣ: ୫ ବର୍ଷରେ ଚାଲାଣ ହୋଇଛନ୍ତି ୧୧୦୫ ଜଣ ପିଲା, କେନ୍ଦ୍ରମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର,୪।୮(ପି.ଏନ): ରାଜ୍ୟରେ ଦିନକୁ ଦିନ ବଢ଼ିଚାଲିଛି ୧୮ ବର୍ଷରୁ କମ୍ ବୟସର ଶିଶୁ ଚାଲାଣ । ଉଭୟ ନାବାଳକ ଓ ନାବାଳିକା ଏହାର ଶିକାର ହେଉଥିବା ଜଣାପଡିଛି । ଅନ୍ୟ ପଡୋଶୀ ରାଜ୍ୟମାନଙ୍କ ଅପେକ୍ଷା ଓଡିଶାରେ ଏହି ହାର ବୃଦ୍ଧି ପାଉଥିବା ଦେଖାଯାଉଛି । ନିକଟରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନ ରାଜ୍ୟସଭାରେ ଏନେଇ ତଥ୍ୟ ପ୍ରଦାନ କରିଛନ୍ତି । ୫ ବର୍ଷ ମଧ୍ୟରେ ରାଜ୍ୟରେ ଏକ ହଜାରରୁ ଅଧିକ ଶିଶୁ ଚାଲାଣ ହୋଇଥିବା ଜଣାପଡିଛି ।କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ମୁତାବକ, ଗତ ୨୦୧୭ରୁ ୨୦୨୧ ମସିହା ମଧ୍ୟରେ ଓଡିଶାରେ ୧୧୦୫ ଜଣ ଶିଶୁଙ୍କୁ ଚାଲାଣ କରାଯାଇଛି । ୨୦୧୭ରେ ୧୧୭ ଜଣ ପିଲା ଚାଲାଣ ହୋଇଥିବା ବେଳେ ୨୦୨୧ରେ ତାହା ୪୯୭କୁ ବୃଦ୍ଧି ପାଇଥିଲା । ୨୦୧୭ରେ ସାରା ଦେଶରେ ୩ ହଜାର ୫୩୫ ଜଣ ପିଲା ଚାଲାଣ ହୋଇଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟରେ ଶିଶୁ ଚାଲାଣ ମାମଲା ହ୍ରାସ ଘଟିଥିଲା । ତା' ପୂର୍ବରୁ ୨୦୧୮ରେ ଦେଶରେ ୨୭୭୨ ଜଣ, ୨୦୧୯ରେ ୨୮୬୩ ଜଣ, ୨୦୨୦ରେ ୨୨୨୨ ଜଣ ଓ ୨୦୨୧ରେ ୨୮୭୭ ଜଣ ଚାଲାଣ ହୋଇଥିଲେ ।ରାଜ୍ୟରେ ୨୦୧୮ରେ ୧୩୧ ଜଣ, ୨୦୧୯ରେ ୨୦୨ ଜଣ, ୨୦୨୦ରେ ୧୫୯ ଜଣ ଚାଲାଣ ହୋଇଥିଲେ । ବିଶେଷ କରି କୋଭିଡ-୧୯ ମହାମାରୀ କାଳରେ ଅଧିକ ସଂଖ୍ୟକ ଶିଶୁଙ୍କୁ ଚାଲାଣ କରାଯାଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଓଡିଶାରେ ଏହି ଚାଲାଣ ବଢୁଥିବା ବେଳେ ପଡ ?ଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ଏହି ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି । ୨୦୧୭ରେ ଆନ୍ଧ୍ରରେ ୨୬ ଜଣ ଚାଲାଣ ହୋଇଥିବା ବେଳେ ୨୦୧୮, ୨୦୧୯ ଓ ୨୦୨୦ରେ ଏହି ସଂଖ୍ୟା ୨୫ ତଳେ ରହିଥିଲା । ତେବେ ଶିଶୁ ଚାଲାଣକୁ ରୋକିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ମନ୍ତ୍ରୀ ଶ୍ରୀମତୀ ଇରାନୀ କହିଥିଲେ ।

## କଟକ ମୁଣ୍ଡଳିରେ କମୁଛି ଜଳ ପ୍ରବାହ, ଗତକାଲି ୯ ଲକ୍ଷରୁ ଅଧିକ ଜଳ ହେଉଥିଲା ପ୍ରବାହିତ

କଟକ,୪।୮(ପି.ଏନ): ଲଘୁଚାପ ପ୍ରଭାବରୁ ରାଜ୍ୟରେ ଗତ ୫ ଦିନ ଧରି ଲଗାତାର ବର୍ଷା ହେବା ଯୋଗୁଁ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଆଜି କଟକ ମୁଣ୍ଡଳିରେ ଜଳସ୍ତର କମିବା ନେଇ ସୂଚନା ରହିଛି । ଗତକାଲି ୯ ଲକ୍ଷରୁ ଅଧିକ କ୍ୟୁସେକ ଜଳ ପ୍ରବାହିତ ହେଉଥିଲା ।ସୂଚନା ଅନୁଯାୟୀ, ଗତକାଲି ରାତି ୧୧ଟା ପରେ ମୁଣ୍ଡଳିରେ ଜଳ ପ୍ରବାହ କମିଛି । ବର୍ତ୍ତମାନ ମୁଣ୍ଡଳିରେ ୮ ଲକ୍ଷ ୬ ହଜାର ୧୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଏପରି ଜଳସ୍ତର କମିବାକୁ ନେଇ ବନ୍ୟା ବିପଦ ଆଶଙ୍କା କମିଛି । ଅନ୍ୟପଟେ ମହାନଦୀରେ ୨୦ ଫୁଟର ଘାଇ ହୋଇଛି । କୁଜଙ୍ଗ ବ୍ଲକ ତେରମାଣପୁର ଗାଁ ନିକଟରେ ୨୦ ଫୁଟର ଘାଇ ପରିସ୍ଥିତି ଦେଖାଦେଇଛି ।ବେ ?ତରଣୀ ନଦୀର ବିପଦସଂକେତ ୧୭.୮୩ମିଟର ଥିବାବେଳେ ଏବେ ଏଠାରେ ୧୯.୪୪ ମିଟରରେ ବନ୍ୟା ପାଣି ପ୍ରବାହିତ ହେଉଛି। ଆନନ୍ଦପୁରରେ ମଧ୍ୟ ?ବୈତରଣୀ ଖସୁଛି। ଜେନାପୁରରେ ବ୍ରାହ୍ମଣୀର ବିପଦ ସଂକେତ ୨୩ମିଟର ଥିବାବେଳେ ଏବେ ଏଠାରେ ୨୨.୨୦ମିଟର ଅଛି। ବାଲେଶ୍ୱରର ମଥାନିଠାରେ ଜଳକା ନଦୀ ବିପଦସଂକେତ ଉପରେ ବହୁଥିଲେ ମଧ୍ୟ ଏଠାରେ ଜଳ ସ୍ତର କମୁଛି। ହେଲେ ଭଦ୍ରକ ଓ ଯାଜପୁରର ତଳିଆ ଅଞ୍ଚଳରେ ପାଣି ମାଡିଥିବାରୁ ଏହା ଉପରେ ନଜର ରଖିବାକୁ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ଯେଉଁଠାରେ କରଣୀ ମାତା ମନ୍ଦିର ୨୦ହଜାର ମୂଷାଙ୍କୁ ସୈନିକ ରହିଛି । ଏହି ମନ୍ଦିର ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା।

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି ।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




## ଶାନ୍ତିର ମାର୍ଗ

ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଶାନ୍ତି କାହିଁ ? ଅଶାନ୍ତ ମାନବ ଜୀବନ, ଅଶାନ୍ତ କର୍ମମୟ ଜୀବନ, ସଂସାର ଜୀବନ ସହ ଅଶାନ୍ତ ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ବ୍ୟାକୁଳ। ଆସନ୍ତୁ ତା ଉପରେ ଗୋଟିଏ ଛୋଟିଆ ଆଲୋଚନା ରଖିବା। ଯେଉଁମାନେ ଈର୍ଷା, ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାର୍ଗରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ ପଡ଼ିବ। କୋଇଲିର ମଧୁର ଗାନ କାଉକୁ ଭଲ ଲାଗି ନପାରେ ହଂସକୁ ଦେଖି ବତକ ଖୁସି ହୋଇନପାରେ। ଆମେ ଯଦି ଆମ ଖିଆଲ ଦ୍ୱାରା ଭାସିଯିବା ଶେଷରେ ନିଜର ନିଜତ୍ୱ ହରାଇ ବସିବା।

ଧର୍ମରାଜ ରାଜା ମାନଙ୍କ ରାଜା ଥିଲେ। ସେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରି ଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୂତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

***ଦେବଦତ୍ତ ବିଶ୍ୱାଳ, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ: ୯୮୬୧୯୪୪୫୯୪***

## ବାଲିଆ ପଞ୍ଚାୟତରେ ଖୋଲିଲା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଦ୍ୱାରା ପରିଚାଳିତ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବାଲିଆ ଗ୍ରାମ ପ ାୟତ ବାଲିଆ ତାଲିମ କେନ୍ଦ୍ର ଅଫିସ ରାସ୍ତାରେ ଥିବା ବାବୁ ଭାଇ ଚାହା ଦୋକାନ ସାମ୍ନାରେ ଉଦ୍ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେ ରେମୁଣା ଭାର ପ୍ରାପ୍ତ ଚିକିତ୍ସାଧିକାରୀ, ରାମଚନ୍ଦ୍ର କିସ୍କୁ, ଡ଼. ଅରୁପ କୁମାର ଦାସ ଉଦ୍ଘାଟନ କରିଥିବା ବେଳେ ଗ୍ରାମ ପ ାୟତର ସରପ  ନିତାଇ ଚରଣ ନାୟକ ସ୍ୱାସ୍ଥ୍ୟ ପରିଦର୍ଶକ ସନ୍ତୋଶ କୁମାର ମହାନ୍ତି, ଏଏନଏମ ଦିଦି ମିନତୀ ପାତ୍ର, କମ୍ୟୁନିଟି ହେଲ୍‌ଥ ଅଫିସର ଅରୁଣଧତି ପଟ୍ଟନାୟକ ସମସ୍ତ ଆଶା ଦିଦି, ଅଙ୍ଗନୱାଡ଼ି ଦିଦି ଯଥା ୱାର୍ଡ଼ ଓ ପ ାୟତର ଲୋକମାନେ ଉପସ୍ଥିତି ରହି ଉତ୍ସାହିତ କରିଥିଲେ। ଏହି ଚିକିତ୍ସା କେନ୍ଦ୍ରରେ ୪ଟି ପ ାୟତର ଯଥା ଭମେପୁରା, ବାଲିଆ, ସରସ୍ୱତୀପୁର ଓ କରଞ୍ଜିଆ ର ଅଧିବାସୀ ଉପକୃତ ହେବ ବୋଲି ଡ. କିସ୍କୁ ତାଙ୍କ ବକ୍ତବ୍ୟ ରେ କହିଥିଲେ। ଡ଼. ଅରୁପ କୁମାର ଦାସ କହିଥିଲେ ଯେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧ, ବୃଦ୍ଧା ରୋଗୀଙ୍କୁ ସଂପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯିବ। ଏହା ଛଡ଼ା ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗ ନିରୂପଣ କରିବା ପାଇଁ ସମସ୍ତ ପ୍ରକାରର ପରୀକ୍ଷା ଯଥା ରକ୍ତ, କଫ, ମଳ, ମୂତ୍ର ଇତ୍ୟାଦି କରାଯିବ ଏବଂ ପ୍ରତିଦିନ ସକାଳ ୮ ରୁ ଦିନ ୧୧ ଟା ଓ ଦିନ ୩ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ଦେଇଥିଲେ। ଶେଷରେ ପ ାୟତର ସରପ  ନିତାଇ ଚରଣ ନାୟକ ସମସ୍ତ ଅତିଥି ବୃନ୍ଦ ଓ ଗ୍ରାମବାସୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏମ୍‌ସିର ଠେଲା ହଟାଅ ନିଷ୍ପତ୍ତି ପ୍ରତ୍ୟାହାର ହେଉ !

ଭୁବନେଶ୍ୱର (ପିଏନ୍)– ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ଏକ ପ୍ରେସ୍ ବିବୃତିରେ ବିଏମ୍‌ସି କମିଶନରଙ୍କ ଉଠା ଦୋକାନ ହଟାଅ ନିଷ୍ପତ୍ତିକୁ ନିନ୍ଦା କରି କହିଛନ୍ତି–ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ସମେତ ଭାରତର ସବୁ ସହର ଓ ମହାନଗରରେ ଉଠା ଦୋକାନୀମାନେ ଠେଲାଗାଡ଼ିରେ ଲୋକମାନଙ୍କୁ ଶସ୍ତାରେ ଜଳଖିଆ ସମେତ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରି ନିଜର ଗୁଜରାଣ ମେଣ୍ଟାନ୍ତି, ପରିବାର ଚଳାନ୍ତି। ଭୁବନେଶ୍ୱରରେ ଏହି ଉଠା ଦୋକାନୀଙ୍କ ସଂଖ୍ୟା ପ୍ରାୟ ୩୫ ହଜାର ଓ ସମଗ୍ର ଦେଶରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ। ଏମାନଙ୍କ ପରିବାରର ଜନସଂଖ୍ୟା ହିସାବ କଲେ ପାଖାପାଖି ୩ କୋଟି ହେବ। ଏହି ଆଇନ ଅନୁସାରେ ଉଠା ଦୋକାନୀମାନଙ୍କର ସର୍ଭେ କରି ସେମାନଙ୍କୁ ପରିଚୟପତ୍ର ପ୍ରଦାନ ପୂର୍ବକ ଥଇଥାନ କରାଯିବା କଥା। ଭୁବନେଶ୍ୱରରେ ଆଂଶିକ ସର୍ଭେ ହୋଇ ୩୫ ହଜାର ଉଠାଦୋକାନୀଙ୍କୁ ପରିଚୟପତ୍ର କିମ୍ବା କୁପନ ଦିଆଯାଇଥିବା ବେଳେ ରାସ୍ତା ଉପରୁ ଠେଲା ହଟାଯିବ ବୋଲି କମିଶନର ଘୋଷଣା କରିବା ଆଶ୍ଚର୍ଯ୍ୟଜନକ। ବିଏମ୍‌ସି କ'ଣ ଭାରତ ବାହାରେ ଓ ଏହାର କମିଶନର କଣ ପାର୍ଲାମେଣ୍ଟଠାରୁ ଊର୍ଦ୍ଧ୍ୱରେ ବୋଲି ସୁର ଜେନା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି– ଠେଲା ଉଠାଗଲେ ୩୫ ହଜାର ପରିବାର ଚଳିବେ କିପରି? ସାଧାରଣ ଲୋକମାନେ କ'ଣ ପଞ୍ଚତାରକା ହୋଟେଲରେ ଜଳଖିଆ ଖାଇବେ? ଏଣୁ ଏ ପ୍ରକାର ଉଦ୍ଭଟ ଓ ବେଆଇନ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ନ କଲେ ଏହା ବିରୋଧରେ ଆନ୍ଦୋଳନ ସହିତ ଅଦାଲତର ମଧ୍ୟ ଆଶ୍ରୟ ନିଆଯିବ।

# ବିଶ୍ୱପାଇଁ ଖାଦ୍ୟ ଚିନ୍ତା



ବଂଚିବା ପାଇଁ ତିନୋଟି ସମୂଳର ଆବଶ୍ୟକତା ଅଛି : ଶାନ୍ତି, ନିରାପ ।ଓ ସ୍ଥିରତା। ନିରାପ । କହିଲେ ବହିଃଶତ୍ରୁ ଆକ୍ରମଣ, ଅନ୍ତଃବିପ୍ଳବ ଏବଂ ବିଭିନ୍ନ ଶୋଷଣରୁ ମୁକ୍ତିକୁ ବୁଝାଏ। ଏ ଶାନ୍ତି କହିଲେ କ୍ଷୁଧା ଜନିତ ପେଟପୁରା ମୁଠାଏ ଖାଦ୍ୟ ପିଠିକୁ ଆବଶ୍ୟକୀୟ କନାଖଣ୍ଡେ ଏବଂ ମୁଣ୍ଡ ଗୁଞ୍ଜିବାକୁ ଟିକିଏ ଆଶ୍ରୟକୁ ବୁଝାଏ। ଏହାକୁ ଆମେ ମୌଳିକ ଅଧିକାର କହୁ। ଉପର କାରକଗୁଡ଼ିକ ସ୍ଥିରତାର ପରିଚାୟକ। ଏମାନେ ବଂଚିବାର ଅଧିକାର ଓ ସମ୍ବଳ। ଏଇଟା ସତ୍ୟ ଯେ ମରିବାର ଅଧିକାର କାହାର ନାହିଁ। ଜନ୍ମପରି ମୃତ୍ୟୁ ଈଶ୍ୱର ଦ ।। ସବୁରି ମୂଳେ ପେଟଚିନ୍ତା ଚମତ୍କାର। ଏହାର ଅଭାବରେ ସବୁକିଛି ବ୍ୟତିକ୍ରମ। କଥାରେ ଅଛି: "ଅନ୍ନ ବିହୁନେ ହଂସହାନୀ/ଯୋଗ ସାଧିବୁ କାହାଘେନି।।"

ପ୍ରାଣୀର ବିଶେଷକରି ମଣିଷର ସାମଗ୍ରିକ ବିକାଶ : ଶାରୀରିକ, ବୌଦ୍ଧିକ, ଆତ୍ମିକ, ମାନସିକ, ତଥା ଭାବଗତ ଅଭିବୃଦ୍ଧି ପାଇଁ ଖାଦ୍ୟର ଆବଶ୍ୟକତା ଅଛି। ଖାଲି ଯାହା ବୋଇଲେ ତାହାରେ ପେଟ ଭରିଦେଲେ ହେବ ନାହିଁ, ମଣିଷ ପାଇଁ ଖାଦ୍ୟର ପରିମାଣ ଓ ଗୁଣବ । ଗୁରୁତ୍ୱପୂର୍ଣ୍ଣ। ଖାଦ୍ୟର ଅଭାବରେ ଅନାହାର ଓ ଅପପୁଷ୍ଟି ଜନିତ ରୋଗ ଯଥା : ମାରସମସ୍ କ୍ୱାସି ଅରକର, ରକ୍ତହୀନତା, ଅଷ୍ଟିଓପୋରୋସିସ୍, ଅନ୍ଧାରକଣା ଏବଂ ଏହି ପ୍ରକାର ଖାଦ୍ୟାଭାବ ଜନିତ ରୋଗ ହୁଏ।




ଏପରିସ୍ଥଳେ ଖାଦ୍ୟ ପ୍ରତିଟି ଲୋକ ପାଖରେ ପହ ୍ବା ଜରୁରୀ। ବିଶ୍ୱରେ ପ୍ରଚୁର ଖାଦ୍ୟ ଉତ୍ପନ୍ନ ହୁଏ। ଅଥଚ ଖାଉଟି ପାଖରେ ପହ ୍ପାରେ ନାହିଁ। କିଏବି ଖାଦ୍ୟ ବିନା ମରୁଛି। ଏମିତି ବିଶ୍ୱରେ ୩୦୦ ନିୟୁତ ଲୋକ ପ୍ରତିଦିନ ଭୋକିଲା ରହୁଛନ୍ତି। ଅଥଚ ଏପଟେ ପର୍ଯ୍ୟାପ୍ତ ଖାଦ୍ୟ ନଷ୍ଟ ହେଉଛି। ଭାରତ କଥା ଚିନ୍ତା କଲେ ଦେଖାଯାଏ ଯେ ଭାରତୀୟ ଖାଦ୍ୟ ନିଗମ ରକ୍ଷଣା ବେକ୍ଷଣ ଅଭାବରୁ ୫୮୦ ନିୟୁତ ଟନ୍ ଖାଦ୍ୟ ନଷ୍ଟ କରୁଛି। ଏପଟେ ଆଦିବାସୀମାନେ ଖାଦ୍ୟ ନପାଇ ବିଷାକ୍ତ ଛତୁ, ଆମ୍ବ ଟାକୁଆ, ଚେର, ମୂଳ ଓ ପତ୍ର ଇତ୍ୟାଦି ଖାଇ ବିଷ ସଂକ୍ରମଣରେ ମରୁଛନ୍ତି। ଅନ୍ୟ ଅ ଳରେ ଗରିବ ଗୁରୁବାମାନେ ହାଅନ୍ନ ଚିତ୍‌କାରରେ ପେଟରେ ଓଦାକନା ପକାଇ କାନ୍ଦୁଛନ୍ତି। ଏହି ନଷ୍ଟ ହୋଇଯାଉଥିବା ଖାଦ୍ୟକୁ କିଛି ବିକଳ୍ପ ପନ୍ଥାରେ ସେମାନଙ୍କ ପାଖରେ ପହ ।ଇ ପାରିଲେ ଅନ୍ତତଃ ସେମାନେ ବଂଚି ଯାଆନ୍ତେ।

ପୁନଶ୍ଚ ସାମଗ୍ରିକ ବିକାଶ ପାଇଁ ସୁଷମ ବା ସନ୍ତୁଳିତ ଖାଦ୍ୟର ଜରୁରତ ଅଛି। ଖାଦ୍ୟ କହିଲେ ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଖାଦ୍ୟସାର, ଧାତବ ଲବଣ ଏବଂ ଜଳକୁ ବୁଝାଏ। ଖାଦ୍ୟସାର ପୁଣି 'କ', 'ଖ', 'ଗ', 'ଘ' ଓ 'ଙ' ଇତ୍ୟାଦିରେ ବିଭକ୍ତ। ଧାତବ ଲବଣ କହିଲେ ଲୌହ, ପଟାସିୟମ, ସୋଡ଼ିୟମ, ମଲବଡ଼ିୟମ, ଫସ୍‌ଫରସ ଏବଂ କ୍ୟାଲ୍‌ସିୟମକୁ ବୁଝାଏ। ଶରୀରକୁ ସୁସ୍ଥ, ନୀରୋଗ ଓ ଦୀର୍ଘସ୍ଥାୟୀ ପାଇଁ ଏକ ସନ୍ତୁଳିତ ବ୍ୟବସ୍ଥାର ଖାଦ୍ୟକୁ ବୁଝାଏ। ଯାହାର ନାମ ସୁଷମଖାଦ୍ୟ।

ଖାଦ୍ୟର ଏକକକୁ କ୍ୟାଲୋରୀରେ ହିସାବ କରାଯାଏ। ବିଭିନ୍ନ ଶ୍ରେଣୀର ବ୍ୟକ୍ତି, ଶିଶୁ, ଶ୍ରମିକ, ଗର୍ଭବତୀ ସ୍ତ୍ରୀ, ବୃଦ୍ଧମାନଙ୍କ ପାଇଁ ସମାନ କ୍ୟାଲୋରୀ ଶକ୍ତି ଆବଶ୍ୟକ ନୁହେଁ। ଜଣେ ମଧ୍ୟମ ପରିଶ୍ରମୀ ପାଇଁ ୧୪୦୦ - ୨୮୦୦ କ୍ୟାଲୋରୀ ଦରକାର; ଷାଠିଏ କି.ଗ୍ରା , କଠିନ ପରିଶ୍ରମୀ ପୁରୁଷକୁ ୩୮୦୦ କ୍ୟାଲୋରୀ, ହାଲ୍‌କା ପରିଶ୍ରମ ପାଇଁ ୨୪୭୫ କ୍ୟାଲୋରୀ ଇତ୍ୟାଦି ବୟସ ଦେଖି, ପରିଶ୍ରମ ଅନୁଯାୟୀ ଅନୁମୋଦିତ ଖାଦ୍ୟ ବ୍ୟବସ୍ଥାର ତାଲିକା ଅଛି। ଏହାର ଅଭାବରେ ବ୍ୟତିକ୍ରମ ଆବଶ୍ୟମ୍ଭାବୀ।

ପ୍ରତିବର୍ଷ ୧୬ ଅକ୍ଟୋବରରେ "ବିଶ୍ୱ ଖାଦ୍ୟ ଦିବସ" ପାଳିତ ହୁଏ।ଏହା ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ଖାଦ୍ୟ ନିରାପ । କମିଟି ଦ୍ୱାରା ୧୯୮୩ ମସିହାର ପ୍ରସ୍ତାବ କ୍ରମେ ପାଳିତ ହେଉଛି। ଏହାର ଉଦ୍ଦେଶ୍ୟ ସମସ୍ତଙ୍କୁ ଖାଦ୍ୟ ନିରାପ । ଯୋଗାଇ ଦେବା। ସମସ୍ତେ ଖାଦ୍ୟ ପାଆନ୍ତୁ; ବଂଚନ୍ତୁ; ନୀରୋଗ ହୁଅନ୍ତୁ ଓ ଦୀର୍ଘଜୀବୀ ହୁଅନ୍ତୁ।

ଖାଦ୍ୟ ଓ କୃଷି ସଂଗଠନ ଦ୍ୱାରା ୧୯୭୪ ମସିହାରେ ରୋମଠାରେ ଆୟୋଜିତ ବିଶ୍ୱ ଖାଦ୍ୟ ସମ୍ମିଳନୀ ଘୋଷଣାନାମାରେ କୁହାଯାଇଥିଲା ଯେ : ପୃଥିବୀର କୌଣସି ଦେଶର ପିଲା, ବୟସ୍କ, ପୁରୁଷ ବା ମହିଳା ଭୋକ ଉପାସରେ ରହିବା ଅନୁଚିତ୍। ଅଖାଦ୍ୟ ବା ଅପପୁଷ୍ଟି ଯୋଗୁଁ ମନୁଷ୍ୟର ଶାରୀରିକ ଓ ମାନସିକ ଦକ୍ଷତା ଯେପରି ହ୍ରାସ ନପାଏ, ସେଥିପ୍ରତି ୍ନାନ ଦିଆଯିବା ଉଚିତ୍। ଏନେଇ ଜାତିସଂଘ ଅଧୀନରେ ବିଶ୍ୱ ସ୍ତରରେ ଖାଦ୍ୟ ଉତ୍ପାଦକ ଓ ବ ନ ମଧ୍ୟରେ ସମନ୍ୱୟ ପାଇଁ ବିଶ୍ୱ ଖାଦ୍ୟ ପରିଷଦ ଗଠିତ ହେଲା।

ଖାଦ୍ୟ ଓ କୃଷି ସଂଗଠନର ବିଶ୍ୱଖାଦ୍ୟ ନିରାପ । କମିଟି ୧୯୮୩ ମସିହାରେ ଖାଦ୍ୟ ନିରାପ ।ର ସଂଜ୍ଞା ସୃଷ୍ଟି କରିଥିଲେ। ଏଥିରେ ଖାଦ୍ୟ ନିରାପ ।ର ତିନୋଟି ଲକ୍ଷ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। (କ) ପର୍ଯ୍ୟାପ୍ତ ପରିମାଣର ଖାଦ୍ୟର ଯୋଗାଣ ଓ ଉପଲବ୍‌ଧତାକୁ ସୁନିଶ୍ଚିତ କରିବା। (ଖ) ଖାଦ୍ୟ ଯୋଗାଣ ବା ଉପ୍‌ଲବ୍‌ଧତାରେ ସ୍ଥିରତା ବଜାୟ ରଖିବା ଏବଂ (ଗ) ସମସ୍ତ ଲୋକଙ୍କ ପାଇଁ ଉପଲବ୍ଧ ଖାଦ୍ୟର ସହଜ ପ୍ରାପ୍ତିକୁ ସୁନିଶ୍ଚିତ କରିବା। ତେଣୁ ସର୍ବଦା ସମସ୍ତ ନାଗରିକଙ୍କ ସୁସ୍ଥ ଜୀବନ ପାଇଁ ଆବଶ୍ୟକ ଖାଦ୍ୟର ସହଜ ପ୍ରାପ୍ତିକୁ ସୁନିଶ୍ଚିତ କରିବାକୁ ଖାଦ୍ୟ ନିରାପ । କୁହାଯାଏ। ୧୯୮୬ ମସିହାରେ ବିଶ୍ୱ ବ୍ୟାଙ୍କର 'ଦାରିଦ୍ର୍ୟ ଓ କ୍ଷୁଧା' ସନ୍ଦର୍ଭରେ ଖାଦ୍ୟ ନିରାପ । ସଂଜ୍ଞାରେ କ୍ରିୟାଶୀଳତାସ୍ତରକୁ ଯୋଡ଼ା ଯାଇଥିଲା। ସର୍ବଦା ସମସ୍ତ ଜନସାଧାରଣଙ୍କ ସୁସ୍ଥ ଓ କ୍ରିୟାଶୀଳ ଜୀବନ ପାଇଁ ପର୍ଯ୍ୟାପ୍ତ ପରିମାଣ ଖାଦ୍ୟର ସହଜ ପ୍ରାପ୍ତିକୁ ଖାଦ୍ୟ ନିରାପ । କୁହାଯାଏ। ଏକଥା କହିବାକୁ ଉଚିତ୍ ମନେ କରୁ ଯେ ଖାଦ୍ୟ ଯୋଗାଇ ଦେବା ଏବଂ ସହଜ ପ୍ରାପ୍ତି କରାଇବା ସହଜ ହୋଇପାରେ। ତେବେ ଯେଉଁଠି ଭୋକ୍ତାର କ୍ରୟ କରିବା ସାମର୍ଥ୍ୟ ନଥିବ ସେଠି କରାଯିବ କ'ଣ? ଯାହାର ଶ୍ରମ ବିନିମୟରେ ପାଇବାର ସାମର୍ଥ୍ୟ ନଥିବ, ସେ କରିବ କ'ଣ? ତା' ହେଲେ ଆମେ କ'ଣ କ୍ଷୁଧାମୁକ୍ତ ବିଶ୍ୱଟିଏ ଗଢ଼ି ପାରିବା? ଖାଦ୍ୟ ନିରାପ । ପରିବାରରୁ ଆରମ୍ଭ କରି ବିଶ୍ୱପାଇଁ ଲମ୍ବିଯାଇଛି। ଜଣେ ବ୍ୟକ୍ତି ବି ଯଦି ଭୋକିଲା ରୁହେ ଆମ ପ୍ରଚେଷ୍ଟା ଅସ'ଳ ବୋଲି ନିଶ୍ଚିତ କୁହାଯିବ। ଏଥିପାଇଁ କୃଷି, ଉତ୍ପାଦନ, ବ ନ ଏବଂ ପ୍ରାପ୍ତିର ସହଜୀକରଣ ପ୍ରଗତୀକରଣର ଜରୁରୀ ହୋଇ ପଡ଼ିଛି। ଏହାହିଁ ଦେଖିବା କଥା।



**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୧୩୮**

## DISPLAY CLASSIFIED


**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**

**MPS PLAY HOME**

Where awareness nurtured, innocence blossoms.

*For*

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Mahaditya Publication

**VED BHAWAN**

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

*Contact :*

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Phragyan Communication

**ADMISSION ON**

MAHARISHI PUBLIC SCHOOL

your gateway to complete education

*For*

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଗୋକର୍ଣ୍ଣିକା ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ



ଧର୍ମଶାଳା (ପିଏନ୍): ଭାଷାର ବିକାଶ ତଥା ଅଭିବୃଦ୍ଧି କେବଳ ସରାକାରୀ ତତ୍ପରତାରେ ସମ୍ଭବ ହୁଏ ନାହିଁ। ଗ୍ରାମାଂଚଳରେ ସାହିତ୍ୟର ବିକାଶ ପାଇଁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ନିରବଚ୍ଛିନ୍ନ ଭାବରେ ୪୮ ବର୍ଷ ଧରି କାର୍ଯ୍ୟ କରିବା ଓ ଗୋକର୍ଣ୍ଣିକା ପରି ଏକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାକୁ ୪୫ ବର୍ଷ ଧରି ପ୍ରକାଶ କରିବା ଏକ ବିସ୍ମୟକର ବୋଲି ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମତବ୍ୟକ୍ତ କରିଥିଲେ। ଗୋକର୍ଣ୍ଣିକା ଶାରଦୀୟ ଉନ୍ମୋଚନ ପର୍ବ ଆଜି ଧର୍ମଶାଳା ବ୍ଲକ ସ୍ଥିତ ଜାରକା ଠାରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ପ୍ରେସ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା ଯୋଗଦେଇ ଗୋକର୍ଣ୍ଣିକା ଶାରଦୀୟ ବିଶେଷାଙ୍କକୁ ଉନ୍ମୋଚନ କରିଥିଲେ। ସାହିତ୍ୟ ସମାଜର ସମ୍ପାଦକ ହୃଷିକେଶ ସାମଲ ସୂଚନା ଦେଇଥିବା ବେଳେ ନିର୍ମଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନନ୍ୟା ବକ୍ତୃତାମାଳା ଓ ବିଜୟାମିଳନ ଉତ୍ସବ ଉଦ୍‌ଯାପିତ

ଯାଜପୁର (ପିଏନ୍): ମା'ବିରଜାଙ୍କ ରଥ ଦାଣ୍ଡରେ ଅନନ୍ୟା ସାହିତ୍ୟ ସଂସଦ ଆନୁକୂଲ୍ୟରେ ତ୍ରିଦିବସୀୟ ଅନନ୍ୟା ବକ୍ତୃତାମାଳା ଓ ବିଜୟାମିଳନ ମହୋତ୍ସବ ସନ୍ତୋଷ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମା'ବିରଜାଙ୍କ ବିଜୟାଦଶମୀ ତିଥିରେ ଅନନ୍ୟାର ବାର୍ଷିକୋତ୍ସବ ପାଳନ କରାଯିବା ଅବସରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂପାଦକ ଡଃ. କାହ୍ନୁ ଚରଣ ମିଶ୍ର ଅନୁଷ୍ଠାନିକ ବିବରଣୀ ପ୍ରଦାନ କରିବାସହ ଯାଜପୁର କ୍ଷେତ୍ରର ମହିମା ଓ ମହତ୍ୱ ମା'ବିରଜାଙ୍କ ରଥଯାତ୍ରା ଏ କ୍ଷେତ୍ରରେ ଅନନ୍ୟ ବୋଲି କହିଥିଲେ। ବିଭିନ୍ନ ଦିନରେ ଉପସଭାପତି ବିଭୂତିଭୂଷଣ ମହାପାତ୍ର ଓ ସହସଂପାଦକ ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବାସହ ପରିଚୟ ପ୍ରଦାନ କରିଥିଲେ। ଭକ୍ତି କୈବଲ୍ୟର ନିର୍ଦ୍ଦେଶକ ଡଃ କୈଳାସ ବେହେରାଙ୍କ ଦ୍ୱାରା ଭକ୍ତିସଂଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ତ୍ରିଦିବସୀୟ ଅନନ୍ୟା ବକ୍ତୃତାମାଳାକୁ ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିନରେ ପ୍ରଫେସର ଡଃ ଜୟକୃଷ୍ଣ ଦାସ, ଡଃ ସୂର୍ଯ୍ୟମଣୀ ଖୁ ିଆ, ନିତ୍ୟାନନ୍ଦ ଦେଓ, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଅଧିକାରୀ ନବକିଶୋର ଦାସ, ଭୁବନ ମୋହନ ମହାନ୍ତି, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଡଃ କାହ୍ନୁ ଚରଣ ମିଶ୍ର ପ୍ରମୁଖ ପ୍ରବଚନ ମାଧ୍ୟମରେ ମା'ଙ୍କ ସଂସ୍କୃତିରେ ଶ୍ରୀବିରଜା ଓ ବିରଜାଙ୍କ ରଥ ସଂପର୍କରେ ଆଲୋଚନା କରିଥିଲେ। ସ୍ୱରଚିତ କବିତା ପାଠ କରିଥିଲେ କବି ରାମଚନ୍ଦ୍ର ଦାସ, ସରୋଜ ବିଶ୍ୱାଳ, କବି ମନୋଜ ନାଥ, ଜିତେନ୍ଦ୍ର ବେହେରା, ଖଗେଶ୍ୱର ସାହୁ, ଆଶାଲତା ନନ୍ଦ, ପ୍ରଦିପ୍ତ କୁମାର ଦାସ, ରଂଜିତ ଦାଶ, ପ୍ରଭାତ ମଲ୍ଲିକ, ସୁବାଷ ବେହେରା, ଆଶାଲତା ନନ୍ଦ ଓ ସମ୍ମାନିତ ଅତିଥି ଭାବରେ ବୃନ୍ଦାବନ ମିଶ୍ର, ଦଶରଥ ସାମଲ, ଗିରିଧାରୀ ସ୍ୱାଇଁ, ଗଦାଧର ରାଉତ, ଆଦିତ୍ୟ ମହାନ୍ତି, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବହୁ ସାହିତ୍ୟିକ ଓ ଭକ୍ତ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ନୀଳସୁନ୍ଦର ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦାମ ଚରଣ ପଣ୍ଡା, ଏହି ସେମିନାରକୁ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରି ସଭାରେ ଅଧ୍ୟକ୍ଷତା କରିଥିଲେ। ସିଆରସିସି ଚିନ୍ମୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମମିତା ମହାନ୍ତି ସ୍ୱାଗତ ଭାଷଣ ଦେଇ ସେମିନାରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ସ୍ତରରୁ ପ୍ରଥମ ହୋଇଥିବା ୩୫ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଓଡିଶା ଆଦର୍ଶ ବିଦ୍ୟାଳୟ ଦେଉଳିପାଳର ଛାତ୍ରୀ ତିଥିପର୍ଣ୍ଣା ସାହୁ ପ୍ରଥମ, ପଂଚାୟତ ହାଇସ୍କୁଲର ଦୀପ୍ତିଦୁଲନ ସାହୁ ଦ୍ୱିତୀୟ, ନୀଳସୁନ୍ଦର ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସାମଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ତେବେ ଏହି ସେମିନାରରେ ପ୍ରଥମ ହୋଇଥିବା ଛାତ୍ରୀ ତିଥିପର୍ଣ୍ଣା ସାହୁଙ୍କ ନାମ ଜିଲ୍ଲାସ୍ତରକୁ ଚୟନ କରାଯାଇଥିଲା। ଏଥିରେ ବିଚାରକ ଭାବେ ପଂଚାୟତ ହାଇସ୍କୁଲ ଅରେଇକଣାର ବିଜ୍ଞାନ ଶିକ୍ଷକ ଗଣେଶ୍ୱର ବେହେରା, ନୀଳସୁନ୍ଦର ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶୁଭଶ୍ରୀ ଜେନା, ଯାଜପୁର ଜିଲ୍ଲା ମାଧ୍ୟମିକ ବିଜ୍ଞାନ ଶିକ୍ଷକ ସଙ୍ଘ ସଭାପତି ମାଗୁଣି ଚରଣ ପୃଷ୍ଟି ଯୋଗଦେଇଥିଲେ। ଶେଷରେ ଅନ୍ୟତମ ସିଆରସିସି ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।




# ଜ୍ଞାନ ତପସ୍ୱୀ ପଣ୍ଡିତ ନୀଳକଂଠଙ୍କ ଭାଷା ସାହିତ୍ୟ

ପୁରୀ ଜିଲ୍ଲାର ସାକ୍ଷୀଗୋପାଳସ୍ଥିତ ଶ୍ରୀରାମଚନ୍ଦ୍ରପୁରର ପଣ୍ଡିତ ନୀଳକଂଠ ଥିଲେ ଯଥାର୍ଥରେ ଜଣେ ପଣ୍ଡିତ। ପାଣ୍ଡିତ୍ୟ ଥିଲା ତାଙ୍କର ଭୂଷଣ। ତାଙ୍କର ଜ୍ଞାନ ପିପାସା ଥିଲା ଅସୀମ। ସେ ଥିଲେ ଏକାନ୍ତ ଅଧ୍ୟୟନଶୀଳ। ତାଙ୍କର କଥଣି ଥିଲା ଓଡିଆଭାଷା ଏବଂ ତାଙ୍କର ଲେଖନୀ ଥିଲା ଓଡିଆ ସାହିତ୍ୟ। ତୁଳସୀ ଦୁଇ ପତ୍ରରୁ ବାସିଲାପରି ପିଲାଦିନୁ ତାଙ୍କର ପାଣ୍ଡିତ୍ୟ ବିକାଶ ପାଇଥିଲା। ଭୋଇ ବଂଶର ପ୍ରଥମ ରାମଚନ୍ଦ୍ର ଦେବ ବସାଇଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଗହ୍ମାପୂର୍ଣ୍ଣମୀ ପୂର୍ବଦିନ ନୀଳକଂଠଙ୍କ ଜନ୍ମ ହୋଇଥିଲେ ୧୮୮୪ ମସିହା ଅଗଷ୍ଟ ୫ ତାରିଖ ଦିନ। ପିଲାଦିନେ ସେ ଗ୍ରାମ ଚାଟଶାଳୀରେ ପଢିଥିଲେ। ସେତେବେଳର ପାଠ୍ୟକ୍ରମ ପଦ୍ଧତି ଅନୁଯାୟୀ ସେ ଅବଧାନଙ୍କଠୁ କଡାଗଣ୍ଡା, ପାହି ପଣକିଆ ପ୍ରଭୃତି ପଢିଥିଲେ। ବାଲ୍ୟାବସ୍ଥାରୁ ସେ ଅତ୍ୟନ୍ତ ମେଧାବି ଓ କର୍ମଠ ଥିଲେ। ସ୍କୁଲର ଶିକ୍ଷକ ମଧୁସୂଦନ ମିଶ୍ରଙ୍କର ସେ ଥିଲେ ଅତ୍ୟନ୍ତ ପ୍ରିୟ ଛାତ୍ର। ନୀଳକଂଠଙ୍କ ଅଗାଢ ପ୍ରେମ ତଥା ଗୁରୁ ଭକ୍ତି ବଦଳରେ ସେ ଗୁରୁ ମଧୁସୂଦନ ମିଶ୍ରଙ୍କଠୁ ବ୍ୟାକରଣର ସୂତ୍ରଗୁଡିକ ଭଲଭାବରେ ବୁଝି ସେ ଉଭୟ ଓଡିଆ ଓ ସଂସ୍କୃତରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ। ଭର୍ଣ୍ଣାକୁଲାର ପରୀକ୍ଷାଠାରୁ ଆରମ୍ଭ କରି ରେଭେନ୍ସା କଲେଜରେ ବି.ଏ ପରୀକ୍ଷା ପର୍ଯ୍ୟନ୍ତ ସେ ଓଡିଶାରେ ପ୍ରଥମ ହୋଇଆସିଥିଲେ। ଦର୍ଶନଶାସ୍ତ୍ର ଓ ରସାୟନ ବିଜ୍ଞାନ ବିଷୟକୁ ନେଇ ସେ ବି.ଏ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ। ପରେ ମାସିକ ବୃତି ପାଇ ନୀଳକଂଠ ଦର୍ଶନଶାସ୍ତ୍ରରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକତୋର ଉପାଧି ହାସଲ କରିଥିଲେ। ଅତି ଆଶ୍ଚର୍ଯ୍ୟର କଥା, ଯଦିଓ କୌଣସି ଭାଷା ସାହିତ୍ୟରେ ସେ ଡିଗ୍ରୀ ପାଇ ନ ଥିଲେ ମଧ ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧ ରକ୍ଷାକରି ସେ କଲିକତା ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ଭାଷାତତ୍ୱର ଅଧାପକଭାବେ ଯୋଗ ଦେଇଥିଲେ। କଲିକତା ବିଶ୍ୱବିଦ୍ୟାଳୟର ନିଯୁକ୍ତି ତାଙ୍କ ପାଇଁ ଭାଷା ଓ ଭାଷାର ଇତିହାସ ଉପରେ ଗବେଷଣା କରିବା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଥିଲା। ଗୁରୁ ମଧୁସୂଦନଙ୍କ ବ୍ୟାକରଣ ଜ୍ଞାନବଳରେ ସେ ପାଣିନୀ ବ୍ୟାକରଣରେ ଅଗାଧ ପାଣ୍ଡିତ୍ୟ ଲାଭ କରିବା ସହ ପାଣିନୀ ବ୍ୟାକରଣ ବିଶ୍ୱ ସାହିତ୍ୟକୁ ଭାରତର ଏକ ଅମୂଲ୍ୟ ଅବଦାନ ବୋଲି ମତ ପ୍ରଦାନ କରିଥିଲେ। ଯଦିଓ ଜଣେ ପ୍ରଚଣ୍ଡ ସଂସ୍କୃତି ପ୍ରତିଭା ଥିବା ବ୍ୟକ୍ତି ହୋଇ ମଧ୍ୟ ଓଡିଆ ଭାଷା ଉପରେ ସଂସ୍କୃତର ଆଧିପତ୍ୟ ତାଙ୍କପାଇଁ ଅସହ୍ୟ ଥିଲା। ସେତେବେଳେ ଗଙ୍ଗବଂଶୀ ରାଜାମାନେ ଛାନ୍ଦ ସାହିତ୍ୟ ଅନୁକରଣରେ ଓଡିଶାରେ ସଙ୍ଗୀତର ପ୍ରସାର କରିବା ସଙ୍ଗେ ସଙ୍ଗେ ଓଡିଆ ଛାନ୍ଦ ସାହିତ୍ୟର ପ୍ରଭୂତ୍ୱ ବିସ୍ତାର କରିଥିଲେ। ମାତ୍ର ଦୁଃଖର ବିଷୟ ଛାନ୍ଦ ସାହିତ୍ୟପାଇଁ ଉଚ୍ଚକୋଟୀର ଭାଷାର ଆବଶ୍ୟକତା ଥିବାରୁ ବହୁ ସଂସ୍କୃତ ଓ ତତ୍ସମ ଶବ୍ଦ ଓଡିଆଭାଷାରେ ଅନୁପ୍ରବେଶ କରି ଭାଷାକୁ ଭାରାକ୍ରାନ୍ତ କରିଦେଇଥିଲା। ପୁନଶ୍ଚ ୧୪ଶ ଶତାବ୍ଦୀରେ ବିଶ୍ୱନାଥ କବିରାଜ ସଂସ୍କୃତରେ "ସାହିତ୍ୟ ଦର୍ପଣ" ରଚନା କରିଥିଲେ। କ୍ରମେ ଏହି ସଂସ୍କୃତ ଭାଷାର ପ୍ରଭାବ ଫଳରେ ଓଡିଆ ଭାଷା ସଙ୍କୁଚିତ ହେବାସହ ତାହାର ସ୍ୱାତନ୍ତ୍ୟ ହରାଇବାକୁ ବସିଲା। ଏହିଭଳି ସମୟରେ ସାରଳା ଦାସଙ୍କ ଲେଖନୀ ମାଧ୍ୟମରେ ଓଡିଆଭାଷା ତା'ର ପ୍ରକୃତ ସ୍ୱରୂପ ଫେରି ପାଇଲା। ନୀଳକଂଠ ଓଡିଆ ଭାଷାର ନବଯୁଗ ପ୍ରବର୍ତକଭାବେ ଗଜପତି କପିଳେନ୍ଦ୍ର ଦେବ ଓ ଝଙ୍କଡରେ ସିଦ୍ଧେଶ୍ୱର ପରିଡା ଓରଫ ସାରଳା ଦାସଙ୍କୁ ପ୍ରତିଷ୍ଠା ଦେବାସହ ତାଙ୍କ ସୃଷ୍ଟିରେ ଓଡିଶାର ସବୁ ତୀର୍ଥ ଓ ସବୁ ଦେବତା ସ୍ଥାନ ପାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ସାହିତ୍ୟ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ। ଗୋଟିଏ ଜାତିର


ଉମାଶଙ୍କର ପ୍ରସାଦ

ଭାଷା ଓ ସାହିତ୍ୟରେ ତାର ସଂସ୍କୃତି ପ୍ରତିବିମ୍ବିତ ହୋଇଥାଏ। ତେଣୁ କୌଣସି ରଚନାରେ ଓଡିଆ ଜାତି ଓ ଓଡିଆ ସଂସ୍କୃତିର ଅବମୂଲ୍ୟାୟନ ହେଲେ, ସ୍ରଷ୍ଟା ଯେତେ ପ୍ରତିଷ୍ଠିତ ହୋଇଥିଲେ ମଧ ନୀଳକଂଠ ତାଙ୍କର କଠୋର ସମାଲୋଚନା କରିବାକୁ ତିଳେମାତ୍ର ପଛଘୁଂଚା ଦେଉ ନ ଥିଲେ। ଉଦାହରଣ ସ୍ୱରୁପ ରାଧାନାଥଙ୍କର ରଚିତ 'ପାର୍ବତୀ" ଓ "ନନ୍ଦିକେଶ୍ୱରୀ"କାବ୍ୟ। "ପାର୍ବତୀ" କାବ୍ୟରେ ବାପା ଅନଙ୍ଗଭୀମ ଦେବ ଓ ଝିଅ କୌଶଲ୍ୟାଙ୍କ ଅବୈଧ ପ୍ରେମ ସମ୍ପର୍କ ଏବଂ ନନ୍ଦିକେଶ୍ୱରୀ କାବ୍ୟରେ ନନ୍ଦିକାଙ୍କ ପିତୃଦ୍ରୋହୀ ଓ ରାଜଦ୍ରୋହୀ ଚରିତ୍ର ପ୍ରଭୃତି ଓଡିଆ ଜାତୀୟ ଚରିତ୍ରର ବିକୃତ ଚିତ୍ରଣ ଉତ୍କଳପ୍ରାଣ ନୀଳକଂଠଙ୍କ ଓଡିଆ ପ୍ରାଣକୁ ପ୍ରବଳ ଆଘାତ କରିଥିଲା। ଯେତେବେଳେ ସେ ଏପରି ରଚନାର ତୀବ୍ର ସମାଲୋଚନା କରିଥିଲେ। ତାଙ୍କୁ ତାଙ୍କ ବନବିଦ୍ୟାଳୟର ସହକର୍ମୀମାନେ ଖାଲି ସମାଲୋଚନା ନ କରି ତାଙ୍କର ପ୍ରତିବାଦକୁ ରଚନା ମାଧ୍ୟମରେ ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ସହକର୍ମୀମାନଙ୍କ ଆହ୍ୱାନକୁ ଆଦର ସହ ଗ୍ରହଣ କରି ନୀଳକଂଠ ସେଇ ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀଙ୍କୁ ନେଇ ମାତ୍ର ୭ ଦିନରେ "ମାୟାଦେବୀ" ରଚନା କରି ତା ମାଧମରେ ଓଡିଆ ଜାତିର ପୌରୁଷ ଓ ମହତ୍ୱକୁ ଉପସ୍ଥାପନ କରିବା ସହ ସେ ରାଜା ଅନଙ୍ଗଭୀମଙ୍କୁ ପ୍ରବଳ ପ୍ରତାପୀ ପ୍ରଜାବତ୍ସଳ ଓ ଓଡିଶାର ବନ୍ଦୋବସ୍ତ ପ୍ରଚଳନର ଜନକରୂପେ ଅଭିହିତ କରି ଲେଖିଲେ:-

"ବାରଣାସୀ ଚଉଦୁଆରୁ ଆଣି କୀରତି - ମାଟି
ଅସିମୁନ - ଗାରେ ତୋଳିଲେ ଭୀମ ଏ ବାରବାଟୀ
ସେହି ଦିନୁ କେତେ ଜନମେ ବାରବାଟୀର ନାରୀ
ଶୁଣିନାହିଁ ଗଡ ଦୁଆରେ ତୀବ୍ର ବଇରୀ - ଭେରୀ"।

(ରାମଚଣ୍ଡୀଠାରେ ରାତି)

ସେତିକିରେ ତାଙ୍କ ମନ ଶାନ୍ତ ହୋଇ ନ ଥିଲା। କବିବର ରାଧାନାଥଙ୍କ ଏଭଳି ରଚନାକୁ ଉପେକ୍ଷା କରିବାକୁ ସେ ଓଡିଆ ଜାତିକୁ ପରାମର୍ଶ ଦେଇ ଲେଖିଥିଲେ:-

"ଘର ଛାଡି କିମ୍ବା ଯିବେ ସେ ବାରବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦିକ୍ଷୀଣ ଚନ୍ଦ୍ରିକା ?
କଉସୁଲାଗଙ୍ଗ ଧଉଳି ଏହି ନୟନେ ନାଚେ
କବିଙ୍କୁ ସୁମରି ବିରାଗେ ମୁଖ ଫେରାଅ ପଛେ"।

ନୀଳକଂଠଙ୍କ "କୋଣାର୍କେ" କାବ୍ୟର ନାୟକ ନରସିଂହ ଦେବଙ୍କୁ ଜଣେ ଜ୍ଞାନୀ, ଦିଗ୍‌ବିଜୟୀ, କାମକ୍ରୋଧ ବିହୀନ ସମ୍ରାଟରୂପେ ଅବତାରଣା କରିଛନ୍ତି। ତାଙ୍କର ଅବର୍ଣ୍ଣନୀୟ ବୀରତ୍ୱ ଲାଗି ପଡୋଶୀ ରାଜାମାନେ ତାଙ୍କ ସହ ମିତ୍ରତା ସ୍ଥାପନ କରିବା ସହ ଦସ୍ୟୁମାନେ ସବୁଦିନ ପାଇଁ ଉତ୍କଳ ଭୂମିରୁ ବହିଷ୍କୃତ ହୋଇଥିଲେ। ନୀଳକଂଠଙ୍କ ଦୃଷ୍ଟିରେ ସେ ଥିଲେ ଗଙ୍ଗବଂଶର ତପନ। ୨୬୧ ମସିହା ଅଶୋକଙ୍କ କଳିଙ୍ଗ ଯୁଦ୍ଧରେ ଲକ୍ଷ ଲକ୍ଷ ନରନରୀଙ୍କର ଅକଥନୀୟ ମୃତ୍ୟୁ ନୀଳକଂଠଙ୍କ ଓଡିଆ ପ୍ରାଣକୁ ଉଦ୍‌ବେଳିତ କରିଥିଲା। ମାତ୍ର କଳିଙ୍ଗ ସମ୍ରାଟ ଖାରବେଳ ଖ୍ରୀ.ପୂ ୧୪୭ରେ ମୌର୍ଯ୍ୟବଂଶୀ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ମଗଧ ରାଜ୍ୟକୁ ପଦାନତ କରିବା ସହ କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ଦେଇଥିଲେ ଓ ଓଡିଆ ଜାତୀୟ ମର୍ଯ୍ୟାଦାକୁ ପୁନଃ ପ୍ରତିଷ୍ଠିତ କରିଥିଲେ। ସେ ପ୍ରଥମ କରି ଖାରବେଳଙ୍କୁ ଇତିହାସ ଗର୍ଭରୁ ସାହିତ୍ୟକୁ ଆଣି "ଖାରବେଳ" କାବ୍ୟର ନାୟକ କରିଥିଲେ। ତାଙ୍କର ରଚନାରେ ସେ ଖାରବେଳଙ୍କ ଦିଗ୍‌ବିଜୟ ବାର୍ତା। ସେତେବେଳର ପରାଧିନ ଓଡିଆ ଜାତି ପ୍ରାଣରେ ଅସୀମବଳ, ଅଦମ୍ୟ ସାହସ ଓ ଉଦ୍ଦୀପନା ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ। ସେ ଭାର୍ଗବୀ ନଦୀ କୂଳରେ ଉତ୍କଳମଣୀ ଗୋପବନ୍ଧୁଙ୍କ ସହ ଓଡିଆ ଜାତିକୁ ଉନ୍ନତି କରି ଦେଖିବାର ଯେଉଁ ସ୍ୱପ୍ନ ଦେଖିଥିଲେ ଓ ସଂକଳ୍ପ ନେଇଥିଲେ ଆଜୀବନ ତାଙ୍କୁ ସଫଳ କରିବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ।

ତାଙ୍କ ମତରେ "ଭାଷାହିଁ ସାହିତ୍ୟ ତଥା ସଭ୍ୟତାର ଆଧାର" ଭାଷା ସୁଦୃଢ ଓ ଚର୍ଚ୍ଚାବିନା ଆଜିଠାରୁ ୩୦୦ ବର୍ଷପରେ ଲୋକେ ବର୍ତମାନର ସାହିତ୍ୟକୁ ବୁଝିବେ ନାହିଁ। ସଭ୍ୟତାର ବିକାଶ ପକ୍ଷରେ ଏହା ଏକ ଘୋର ଅନ୍ତରାୟ।

ସମାଜର ଗତି ସଙ୍ଗେ ଓଡିଆ ଭାଷାର ବିକାଶ ହୋଇନାହିଁ। ଉଭୟେ ଲିଖିତ ଓ କଥିତ ଭାଷାରେ ବି ତାହା ହୋଇପାରିନାହିଁ। ସତ୍ୟବାଦୀ ବନବିଦ୍ୟାଳୟରେ ଛାତ୍ରମାନଙ୍କୁ ଓଡିଆ ବ୍ୟାକରଣ ପଢାଇଲାବେଳେ ସଂସ୍କୃତ ବ୍ୟାକରଣ ଢାଂଚାରେ ଓଡିଆ ବ୍ୟାକରଣ ପାଠ୍ୟପୁସ୍ତକଟି ଲେଖା ହୋଇଥିବା ଦେଖି ତାଙ୍କର ମନ ବିଦ୍ରୋହ କରି ଉଠିଥିଲା ଏବଂ ସେ ନିଜର ସହକର୍ମୀଙ୍କ ମାନରକ୍ଷା କରିବାକୁ ଯାଇ ସେ ଓଡିଆ ଉଚ୍ଚାରଣ ଓ ବିଚାରକୁ ନେଇ ସର୍ବ ପ୍ରଥମ ବିଜ୍ଞାନ ସମ୍ମତ ବିଶୁଦ୍ଧ ବ୍ୟାକରଣ ବହିଟିଏ ଲେଖିଦେଲେ। ତେଣୁ ତାଙ୍କୁ ପ୍ରଥମ ଓଡ଼ିଆ ଭାଷା ରୂପେ ବିବେଚନା କରାଯାଏ। ତାଙ୍କ ମତରେ ଆମେ ଯାହାକହୁ ତାହା ଆମର ଭାଷା। ଭାଷାରୁ ବ୍ୟାକରଣ ହୁଏ, ବ୍ୟାକରଣରୁ ଭାଷା ହୁଏ ନାହିଁ। ଓଡିଆ ଭାଷାର ପ୍ରକୃତ ସ୍ୱରୁପ ଓଡିଶାର ଲୋକ କଥିତ ଭାଷାରେ ଉପଲବ୍ଧ। ଓଡିଆ ଭାଷାର କେତୋଟି ବୈଶିଷ୍ଟ୍ୟ ଅଛି:-ଯଥା ଓଡିଆ ଭାଷାରେ, ଭାବରେ ବିକଳ୍ପେ ଷଷ୍ଠୀ ବିଭକ୍ତି ହୁଏ। ଉଦାହରଣ- ରାମ ମୁଁ ଦିହେଁ ଯିବୁ - ରାମର ମୋର ଦିହେଁ ଯିବୁ। ଉଭୟ ପ୍ରୟୋଗ ସାଧୁ। ଓଡିଆରେ କେତେକ ବିଶେଷ୍ୟ ପଦରେ ଷଷ୍ଟୀ ବିଭକ୍ତି ଚିହ୍ନ ଲାଗିଲେ ତାହା ବିଶେଷଣ ପଦ ହୁଏ। ଯଥା-ଗୁଣର ପିଲା, ସୁଧାର ପିଲା, ଇତ୍ୟାଦି। ଓଡିଆରେ ଉଚ୍ଚାରଣ ଦୃଷ୍ଟିରୁ ଇ-ଈ ଓ ଉ-ଊ ମଧ୍ୟରେ ପ୍ରଭେଦ ନାହିଁ। ସଂସ୍କୃତର ଅନୁସାର ଓଡିଆରେ ଚନ୍ଦ୍ରବିନ୍ଦୁ ହୋଇଯାଏ ଯଥା - ବଂଶ = ବାଉଁଶ, ମାଂସ = ମାଉଁସ, ବଂଶୀ = ବଇଁଶୀ ପ୍ରଭୃତି। ସଂସ୍କୃତରେ ବର୍ଣ୍ଣ ଓ ଅକ୍ଷର ଦୁହିଁଙ୍କ ଅର୍ଥ ସମାନ। ମାତ୍ର ଓଡିଆରେ ଯାହା ଏକ ସ୍ୱରକେ ଉଚ୍ଚାରିତ ହୁଏ ତାହା ଅକ୍ଷର ଓଡିଆରେ 'କ' ଗୋଟିଏ ଅକ୍ଷର ମାତ୍ର ଏଥିରେ କ ଓ ଅ ଦୁଇଟି ବର୍ଣ୍ଣ ଅଛି। ନିର୍ଦ୍ଦିଷ୍ଟ ଉଚ୍ଚାରଣ ନାହିଁ ଓଡିଆର ସବୁ ବର୍ଣ୍ଣରେ ସଂସ୍କୃତରେ ରହିଥିବା ଖାଂଟି ଓଡିଆର ବଂଚିବାର ଉଚ୍ଚାରଣ ଠିକ୍ 'ବ- .....ବା' କିମ୍ବା ବାଂଛାର ଉଚ୍ଚାରଣ ବା...। ନୁହେଁ, ତେଣୁ ଅନୁସାର ଦେଇ ଲେଖିବା ସାଧୁ। ତାଙ୍କ ମତରେ ଓଡିଆ ଭାଷା ୪ ହଜାର ବର୍ଷର ପୁରାତନ ଭାଷା। ସମାଜର ଗତି ସଙ୍ଗେ ଭାଷାର ପରିବର୍ତନ ନ ହେଲେ ଲୋକସାହିତ୍ୟ ଫୁଟିବ ନାହିଁ। ତାଙ୍କର ପରାମର୍ଶରେ ୧୯୩୯ ମସିହାରେ ତତ୍କାଳୀନ ଓଡିଶା ସରକାର ପଣ୍ଡିତ ନୀଳକଂଠଙ୍କ ଅଧ୍ୟକ୍ଷତାରେ ଓଡିଆ ଭାଷାରେ ବର୍ଣ୍ଣର ଶୁଦ୍ଧତ୍ୱ ବିଚାର ତଥା ପାରିଭାଷିକ ଶବ୍ଦ ତିଆରି କରି ପ୍ରଚାର ପାଇଁ ଗୋଟିଏ ଭାଷା ସଂସ୍କାର କମିଟି ଗଢିଥିଲେ। ସେ କମିଟିରେ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, ଡକ୍ଟର ଆର୍ତବଲ୍ଲଭ ମହାନ୍ତି, ଡକ୍ଟର ପ୍ରାଣକୃଷ୍ଣ ପରିଜା, ଗିରିଜା ଶଙ୍କର ରାୟ ପ୍ରମୁଖ ଏହାର ସଭ୍ୟ ଥିଲେ। ଓଡିଆ ବର୍ଣ୍ଣ ଓ ଲିପିର ନିର୍ଦ୍ଦିଷ୍ଟ ରୂପ ସମ୍ପର୍କୀୟ ଆଲୋଚନାରେ ବରିଷ୍ଠ ସାହିତ୍ୟିକମାନଙ୍କ ଅଭିମତକୁ ମଧ ସ୍ୱାଗତ କରିଥିଲେ। ଶେଷରେ ଉକ୍ତ କମିଟି ନିମ୍ନୋକ୍ତ କେତୋଟି ମତକୁ ସୁପାରିଶ କରିଥିଲେ, ଯାହା ହେଲା:- କ)ଓଡିଆରେ ଅର୍ଥାତ୍ ତଦ୍ଭବ, ଦେଶୀ ତଥା ବିଦେଶୀ ଶବ୍ଦରେ ଗୋଟିଏ 'ଇ' କାର ଓ ଗୋଟିଏ 'ଉ' କାର ରହିବ। ତହାର ଉଚ୍ଚାରଣ ହ୍ରସ୍ୱ ହେବ। (ଖ) ହାତୀ, ଗୁଣୀ, ଧନୀ ପ୍ରଭୃତି ଇନ୍ ଭାଗାନ୍ତ ଶବ୍ଦ ଦୀର୍ଘ 'ଇ' ମାତ୍ରାରେ ପ୍ରକାଶ କରାଯିବ। (ଗ) ବ୍ୟଞ୍ଜନ ପୂର୍ବରୁ ବର୍ଗର ପଂଚମ ବର୍ଣ୍ଣ ଅନୁସାରରେ ପ୍ରକାଶିତ ହେବ। (ଘ) ତଦ୍ଭବ, ଦେଶୀ, ବିଦେଶୀ ଶବ୍ଦରେ ସବୁ ପ୍ରକାରେ 'ସ' କାର କେବଳ ଦନ୍ତ୍ୟ 'ସ'ରେ ପ୍ରକାଶ ହେବ। ସେହିପରି ଯାହା- ଯଥା, ଯମୁନା ପ୍ରଭୃତିର ଅନ୍ୟସ୍ଥ 'ଯ' ବର୍ଗ୍ୟ 'ଜ'ରେ ପ୍ରକାଶିତ ହେବ। 'କ୍ଷ' ଓ 'ଜ୍ଞ' ସ୍ଥାନରେ 'ଗ୍ୟଁ'। (ଙ) ସମସ୍ତ ତତ୍ସମ ତଥା ସଂସ୍କୃତରୁ ଆସୁଥିବା ଶବ୍ଦଗୁଡିକ ବର୍ତମାନପାଇଁ ଠିକ୍ ସଂସ୍କୃତରେ ଯେପରି ଅଛି ସେପରି ଲେଖିବାକୁ ହେବ। ଦୁଃଖର ସହିତ କହିବାକୁ ପଡୁଛି ଏ ପରାମର୍ଶ ଖତ ଗଦାରେ ପଡିଛି। ଯଦି ଏହା କାର୍ଯ୍ୟକାରୀ ହୋଇଥାନ୍ତା ତେବେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡିଆକୁ ୨ୟ ଭାଷା ରୂପରେ ପଢୁଥିବା ଆମ ପିଲାଏ ୫୪ଟି ସ୍ୱର ବ୍ୟଞ୍ଜନ ଓ ଅତିରିକ୍ତ ବ୍ୟଞ୍ଜନ ବର୍ଣ୍ଣ ବ୍ୟତୀତ ୧୭ଟି ଫଳା, ମାତ୍ରା ଓ ୫୦ରୁ ଉର୍ଦ୍ଧ୍ୱ ଯୁକ୍ତ ବ୍ୟଞ୍ଜନ ମିଶି ୧୫୦ଟି ଲିପି କଂଠସ୍ଥ କରିବାର ଅତ୍ୟାଚାରରୁ ରକ୍ଷା ପାଇଥାଆନ୍ତି।

ପ୍ରଚଣ୍ଡ ପ୍ରତିଭାଧାରୀ ମହାମନିଷୀଙ୍କ ଜ୍ଞାନ ଗରିମାକୁ କୌଣସି ପ୍ରବନ୍ଧମାଧ୍ୟମରେ ଆଲୋଚନା କରିବା ବା ଆଲେଖ୍ୟରେ ପ୍ରତିପାଦିତ କରିବା ଏକ ଧୃଷ୍ଟତା ମାତ୍ର। ଅନ୍ଧମାନେ ହାତୀକୁ ବର୍ଣ୍ଣନା କରିବା ଯାହା ତାଙ୍କର ବହୁମୁଖି ପ୍ରତିଭାର କିଂଚିତ ଆଲୋଚନା ଠିକ୍ ସେହିପରି। ଆଜି ତାଙ୍କର ୫୨ତମ ପୂଣ୍ୟ ତିଥିରେ ଅନ୍ତରର ନିବୃତ କୋଣରୁ ମୋ ଭଳି ଜଣେ ନଗଣ୍ୟ ଲେଖକର ଭକ୍ତିପୂତ ପ୍ରଣାମ।

ସ୍ତମ୍ଭକାର ତଥା ସମ୍ପାଦକ
ମାର୍ଗଦର୍ଶୀ,ଖୋର୍ଦ୍ଧା
ମୋ.ନଂ - ୬୩୭୦୬୭୫୫୬୨

(( ସେସେ
(ରାମ୍ଦୁଁ ସାକାହାରୀସମିତିର କାର୍ଯ୍ୟକାରୀ କମିଟିକୁ
(ରାମରାନିର୍ବାଚିତ ହେଲି। ମୁଁ ସ୍ଥିରକଲି ଏହାର ପ୍ରତ୍ୟେକଟି ବୈଠକ ମୁଁ ନିଶ୍ଚୟ ଯୋଗ ଦେବି। ମୁଁ କିନ୍ତୁ ସବୁବେଳେ ପାଟି ଚୁପ୍ କରି ରହିଲି। ଏହା କେବଳ ଦକ୍ଷିଣ ଆଫ୍ରିକା ଯେଉଁଠାରେ ହିଁ ମୁଁ ମୁହଁ ଖୋଲିଲି। କିନ୍ତୁ ମୋର ମୌନଭାବକୁ ପୁରା ଛାଡିପାରିନଥିଲି। ବିନା ପ୍ରସ୍ତୁତିରେ ମୁଁ ସ୍ୱତଃ କିଛି କହିପାରୁ ନ ଥିଲି। ଯେତେବେଳେ କୌଣସି ନାଁ କୌଣସି ନୂଆ ନୂଆ ଆଗନ୍ତୁକଙ୍କୁ ଦେଖୁଥିଲି ସେଠାରେ ମୁଁ କୌଣସି ବକ୍ତବ୍ୟ ରଖିବାକୁ କୁଣ୍ଠିତ ହେଉଥିଲି।

ମୁଁ ନିଶ୍ଚୟ କହିବି ଯେ ସାମୟିକଭାବେ ମୁଁ ବେଳେ ବେଳେ ହସଖୁସିରେ ହସି ପକାଇବା ବ୍ୟତିରେକ ମୋର ଉଦାସ ପଣିଆରେ କାହାର କିଛି କ୍ଷତି ହେଉ ନ ଥିଲା। ଏହା ସତ୍ୱେ ମୁଁ ଲକ୍ଷ କରୁଥାଏ ଯେ ଏ ସବୁ ମୋର ଉପକାର ସାଧନରେ କାର୍ଯ୍ୟକରେ। ଭାଷଣ ଦେବାପାଇଁ କୁଣ୍ଠିତ ହେଉଥିଲି। କିନ୍ତୁ ଭାଷଣ ଦେବା ମୋ ପାଇଁ ଆନନ୍ଦର କଥା। ଏହା ମୋର ଉପକାରରେ ଆସୁଥିଲା କାରଣ ମୋର ଭାବନାକୁ ରୋକଠୋକ୍ ପ୍ରକାଶ ନ କରି ବୁଝି ବିଚାରି ବକ୍ତବ୍ୟ ଦେବା ପାଇଁ ରୋଧକ ହେଉଥିଲା। ତା'ସବୁ ମୋ ପାଇଁ ଢାଲ ଭଳି କାମ କରୁଥିଲା। ଅଳ୍ପଭାଷୀ ବ୍ୟକ୍ତି ତା'ର ବକ୍ତବ୍ୟରେ ଚିନ୍ତାଶୂନ୍ୟଭାବେ ମନଇଚ୍ଛା କିଛି ଭୁଲ୍ କଥା କହିପାରିବ ନାହିଁ। ସେ ମାପି ଚୁପି କହିବ। ମୋର ଲାଜକୁରା ମନୋଭାବ ଏଣୁ ମୋ ପାଇଁ ଥିଲା ଢାଲ। ଏହା ମୋର ଧିରମନ୍ଥର ଉତ୍‌ଥାନ ପାଇଁ କାର୍ଯ୍ୟ କରିଛି। ଏହା ମୋତେ ବାସ୍ତବ ସତ୍ୟ ଜାଣିବାପରେ ଅଗ୍ରସର ହେବାକୁ ପ୍ରେରଣା ଦେଇଛି।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ପ୍ରଶାସନର ପ୍ରସ୍ତୁତି ବୈଠକ, ବନ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ, ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ

ଭଦ୍ରକ, (ପି.ଏନ): ବିଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ବନ୍ୟା ଜଳ ଧାମନଗର ବ୍ଲକ ଦେଇ ତିହିଡ଼ି ବ୍ଲକରେ ପ୍ରବେଶ କରିବା ଆଶଙ୍କା କରାଯାଇଛି। ଏଥିପାଇଁ ତିହିଡ଼ି ପ୍ରଶାସନ ପକ୍ଷରୁ ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜରୁରୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଟିକଚାନ୍ଦ କାଲୋ, ଆକାଉ ସ ଅଫିସରସୌମ୍ୟ ନନ୍ଦନ ପଟ୍ଟନାୟକ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଭାରପ୍ରାପ୍ତ ଜିପିଇଓ ନିହାର ରଂଜନ ରାଉତ ପ୍ରମୁଖ ଯୋଗ ଦେଇ ବନ୍ୟା ମୁକାବିଲା ପାଇଁ ଆଲୋଚନା କରିଥିଲେ। ବନ୍ୟା ସମୟରେ ତଳିଆ ଅ ଳର ଲୋକମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ମାନଙ୍କରେ ଥଇଥାନ କରାଯିବାକୁ ଆଲୋଚନା କରାଯାଇଥିବା ବେଳେ ଜିରୋ କାଜୁଆଲିଟି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଥିବା ଅଗ୍ନିଶମ ବିଭାଗ ବନ୍ୟା ସମୟରେ ସଂପୂର୍ଣ୍ଣ ସଜାଗ ରହିବାକୁ ଆଗ୍ନିକ ଆଲୋକଦେବ ଗୋସ୍ୱାମୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି କୃଷି ବିଭାଗର ବିଟିଏମ ରଂଜିତ୍ ସାହୁଙ୍କୁ କ୍ଷୟକ୍ଷତିର ରିପୋର୍ଟ ସଠିକ୍ ଭାବେ କରିବାକୁ କୁହାଯାଇଥିବା ବେଳେ ଉପସ୍ଥିତ ଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତ୍ନାକର ସାହୁ ବନ୍ୟା ବିପନ୍ନମାନେ ଥଇଥାନ ହୋଇଥିବା ସ୍କୁଲର ଶିକ୍ଷକମାନେ ତତ୍ପର ରହିବାକୁ କୁହାଯାଇଥିଲା। ବନ୍ୟା ବିପନ୍ନ ଥଇଥାନ ଥିବା ସ୍କୁଲ ମାନଙ୍କରେ ବିଦ୍ୟୁତ୍ ଓ ପାନୀୟଜଳର ସୁବ୍ୟବସ୍ଥା କରାଯିବାକୁ କୁହାଯାଇଥିଲା। ବନ୍ୟା ସମୟରେ ବିଦ୍ୟୁତକାଟ କରାନଯିବାକୁ ବିଦ୍ୟୁତ ବିଭାଗ ଏସଡିଓ ଭାଗିରଥି ପଣ୍ଡାଙ୍କୁ କୁହାଯାଇଥିଲା। ସେହିପରି ପ୍ରାଣୀ ଚିକିତ୍ସା ଅଧିକାରୀ ନିରାକାର ଜେନାଙ୍କୁ ବନ୍ୟା ସମୟରେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା। ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସଙ୍କୁ ବନ୍ୟା ସମୟରେ ଖାଦ୍ୟ ବ ନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା। ତ୍ରିବେଣୀ ଟ୍ରଷ୍ଟର ଅଧ୍ୟକ୍ଷା ରଂଜୁଲତା ଗାହାଣଙ୍କୁ ଆପଦ ମିତ୍ର ମାନଙ୍କୁ ସଜାଜ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ୪୦ଜଣ ଆପଦ ମିତ୍ର ସଜାଗ ରହିଛନ୍ତି ବୋଲି ବୈଠକରେ ପ୍ରକାଶ କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ମୁଖ୍ୟ କାର୍ଯ୍ୟାଳୟ ଛାଡ଼ି ନଯିବା ସହିତ କୌଣସି କର୍ମଚାରୀଙ୍କୁ ଛୁଟି ଦିଆଯିବ ନାହିଁ ବୋଲି ବୈଠକରେ ବିଡିଓ ଶ୍ରୀ କର ସୂଚନା ଦେଇଥିଲେ। ବନ୍ୟା ସମୟରେ କୌଣସି ଅଧିକାରୀ ନିଜ ଦାୟିତ୍ୱର ଅବହେଳା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ବିଡିଓ ସତର୍କ କରାଇ ଦେଇଥିଲେ। ବନ୍ୟା ସମୟରେ କୌଣସି ଅସୁବିଧା ହେଲେ ବ୍ଲକର ଥିବା ୯୯୩୭୪୮୧୧୫୮ ଜରୁରୀ ନମ୍ବରରେ ଯୋଗାଯୋଗ କରି ସମସ୍ୟାର ସମାଧାନ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠଯନ୍ତ୍ରୀ ଭରତ ବିଶ୍ୱାଳ, ସମୀର ରଂଜନ ରାଉତ, ଲଲାଟେନ୍ଦୁ ପାଲ, ଅଲେଖ ତିର୍କୀ, ଭୀଷ୍ମଦେବ ଶତପଥି, ସମୀର ମାନ୍ନା, ତନୁଜା ମିଶ୍ର, ଜଳପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା ଓ ମାନସୀ ମହାପାତ୍ର, ପୁଲିସ ଏଏସଆଇ କମଳାକାନ୍ତ ଶତପଥି, ମତ୍ସ୍ୟ ଅଧିକାରୀ ଶାନ୍ତନୁ କୁମାର ସାହୁ ଓ ହିମାଦ୍ରି ଭୂଷଣ ପଣ୍ଡା, ସ୍ୱାସ୍ଥ୍ୟକେନ୍ଦ୍ର ବି ।ୟ ଅଧିକାରୀ ବିପ୍ଳବ ରଂଜନ ପତି, ସିଡିପିଓ ସଂଗୀତା ସିଂ, ପ ।ୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତି, ଦୀନବନ୍ଧୁ ପାତ୍ର, ବାସୁଦେବ ବେହେରା, ଡ. ଅରୁଣ କୁମାର ପଣ୍ଡା, ରୁନୁରାଣି ମଲିକ, ସାରଦା ବଳ, ନଳିନୀକାନ୍ତ ଦାସ, ସୁକାନ୍ତୀ ବାରିକ୍, ମନୋରଂଜନ ଦଳେଇ, ସସ୍ମିତା ବାରିକଙ୍କ ସମେତ ସମସ୍ତ ଜିଆରଏସମାନେ ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା 'ଲକଡାଉନ'ର ଅନ୍ତର୍ଜାତୀୟ ସମୀକ୍ଷା 'ଏ ଟେପେଷ୍ଟ୍ରି ଅଫ ଓ୍ୱର୍ଡସ'

ଭବାନୀପାଟଣା,(ପି.ଏନ): ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ପରିସରକୁ ଆସିଥିବା କବି ଭବାନୀ ଶଙ୍କର ନିଆଲଙ୍କ ଇଂରାଜୀ କବିତା ସଂକଳନ 'ଲକଡାଉନ'ର ଅନ୍ତର୍ଜାତୀୟ ସମୀକ୍ଷା 'ଏ ଟେପେଷ୍ଟ୍ରି ଅଫ ଓ୍ୱର୍ଡସ',ଦି ପଏଟିକ ଲିଗାସି ଅଫ ଡ. ଭବାନୀଶଙ୍କର ନିଆଲ' ପ୍ରକାଶିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା ତଥା ଭାଷାବିତ ପ୍ରଫେସର ଇରେନେ ଗୈରା କାବାଡିଆ ସମ୍ପାଦନା କରିଛନ୍ତି। ଶ୍ରୀମତୀ କାବାଡ଼ିଆ ବହୁଭାଷୀ ଅନୁବାଦିକା ଭାବେ ଯେତିକି ପରିଚିତ, ଅନ୍ତର୍ଜାତୀୟ ଲେଖକ ପ୍ରକାଶନୀ ସଂସ୍ଥାର ସମ୍ପାଦିକା ଭାବେ ବେଶ ପରିଚିତ। ଅନେକ ବିଶ୍ୱସ୍ତରୀୟ ଲେଖକୀୟ ପ୍ରକାଶନୀ ଓ ସଂସ୍ଥା ସହ ସେ ଜଡିତ ଥିବା ବେଳେ ନିଜର ପାଠକୀୟତା ପାଇଁ ସେ ଅନେକ ପୁରସ୍କାରପ୍ରାପ୍ତ। ତାଙ୍କ ଦ୍ୱାରା ଏହା ସମ୍ପାଦିତ ହେବାରେ ପ୍ରଥମ ଭାରତୀୟ ପୁସ୍ତକ। ଇଂରାଜୀରେ ଏହାକୁ କବି ବଂକିମ ମୁଣ୍ଡ ଅନୁବାଦ କରିଥିବା ବେଳେ ଇଟାଲୀ, ଜର୍ମାନ, ଫ୍ରେଞ୍ଚ, ପର୍ତ୍ତୁଗୀଜ ଭାଷାରେ ଏହା ବିଭିନ୍ନ ଆନ୍ତର୍ଜାତିକ ଖ୍ୟାତନାମା କବିଙ୍କ ଦ୍ୱାରା ଅନୁବାଦ କରାଯାଇଛି। ଏହାକୁ ରାଇଟର୍ସ ଇଣ୍ଟରନେସନାଲ ଏଡିସନ ଏଥେନ୍ସ ଓ ମହୀଶୂର ପ୍ରକାଶନୀ ସଂସ୍ଥା ପ୍ରକାଶିତ କରିଥିବା ସ୍ଥଳେ ଏହି ସଂସ୍ଥାର ସିଇଓ ପ୍ରୀତ ପଦ୍ମନାଭନ ନାମ୍ବିଆର ପ୍ରକାଶକ ରହିଛନ୍ତି। ଏହି ପୁସ୍ତକ ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ ହେଉଛି। ସୂଚ଼ନାଯୋଗ୍ୟ ଯେ ଶ୍ରୀ ନିଆଲ କରୋନା ସମୟରେ 'ଲକଡାଉନ' କବିତା ସଂକଳନ ମାଧ୍ୟମରେ ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। କବିତାରେ ମୃତ୍ୟୁ ଚେତନାର କଳା ଓ ନାନ୍ଦନିକତା ଯୋଗୁଁ ସେ ସମକାଳୀନ ବିଶ୍ୱ ସାହିତ୍ୟରେ ପାଠକ ମାନଙ୍କ ଚ଼ର୍ଚ୍ଚାର ପରିସରକୁ ଆସିଥିଲେ। କ୍ରମାଗତ ଭାବେ ତାଙ୍କର କବିତା ସବୁ ପୃଥିବୀର ୨୦ରୁ ଉର୍ଦ୍ଧ୍ୱ ଭାଷାରେ ଅନୂଦିତ ହୋଇସରିଛି। ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ଚ଼ଳଚ଼ଞ୍ଚଳ କବି ଶ୍ରୀ ନିଆଲଙ୍କ ପୂର୍ବରୁ ୩ଟି ଓଡ଼ିଆ କବିତା ସଂକଳନ ସମେତ ହିନ୍ଦୀ ସଂକଳନ ରହିଛି। ସମ୍ପ୍ରତି ଲବ୍ଧପ୍ରତିଷ୍ଠ ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସମ୍ପାଦକ ସହ ବିଭିନ୍ନ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନୀତ ହେବା ସଙ୍ଗେ ସଙ୍ଗେ ଅନେକ ସଂଗଠନର ଅଧ୍ୟକ୍ଷ ଓ ସଦସ୍ୟ ଭାବେ କାର୍ଯ୍ୟରତ। ଏହି ସମୀକ୍ଷା ପୁସ୍ତକ ପ୍ରକାଶିତ ହେବା ଖବର ମାତ୍ରେ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ରଘୁନାଥପୁର ବୈତରଣୀ ନଦୀବନ୍ଧରେ ବହୁ ଗର୍ତ, ଆଶଙ୍କାରେ ଗ୍ରାମବାସୀ

ଭଦ୍ରକ, (ପି.ଏନ); ଏହି ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମକୁ ବନ୍ୟା ସୁରକ୍ଷାକାରୀ ବୈତରଣୀ ନଦୀବନ୍ଧରେ ଏକାଧିକ ବିରାଟକାୟ ଗ ର୍ ସୃଷ୍ଟି ହୋଇଥିବାରୁ ଗ୍ରାମବାସୀମାନେ ଆତଙ୍କିତ ହୋଇ ରହିଛନ୍ତି। ଚଳିତ ବର୍ଷ ଏହି ନଦୀବନ୍ଧ ମରାମତି ହୋଇ ନାହିଁ। ଫଳରେ ଗତ ବର୍ଷରୁ ସୃଷ୍ଟି ହୋଇ ଚଳିତ ବର୍ଷାରେ ବିରାଟ ଆକାର ଧାରଣ କରିଥିବା ପ୍ରାୟ ୧୦ଟି ଗ ର୍ ହୋଇଥିବା ସମ୍ପର୍କରେ ଗ୍ରାମବାସୀମାନେ ଜଳସମ୍ପଦ ବିଭାଗକୁ ଜଣାଇଥିଲେ। ମାତ୍ର ବିଭାଗ ଏଥିପ୍ରତି କର୍ଣ୍ଣପାତ କରିନଥିଲା। ନଦୀରେ ବନ୍ୟା ଆସୁନଥିବାରୁ ବିଭାଗ ଏହାର ମରାମତି ଜାଣି ଅଜଣା ହୋଇଥିଲା। ଏବେ ବଡଧରଣର ବନ୍ୟା ଆସିବା ପରେ ଗ୍ରାମବାସୀମାନେ ଆତଙ୍କିତ ହେବା ସହ ବିପଦ ଆଶଙ୍କାରେ ରହିଛନ୍ତି ବୋଲି ଗ୍ରାମର ଓ୍ୱାର୍ଡ ସଦସ୍ୟ ଭରତ ଚନ୍ଦ୍ର ନାଥ ପ୍ରକାଶ କରିଛନ୍ତି। ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ ବିଭାଗକୁ ତାଗିଦ କରାଯିବା ପରେ ବିଭାଗୀୟ କର୍ମଚାରୀମାନେ ଗ ର୍ଗୁଡିକ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ଜଳ କମିଗଲେ ମରାମତି ହେବ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଛି ବୋଲି ଓ୍ୱାର୍ଡ ସଦସ୍ୟ ଶ୍ରୀ ନାଥ ସୂଚନା ଦେଇଛନ୍ତି।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯବେକ୍ଷକ

Bhubaneswar Friday August 05, 2023 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବର୍ଷା ଓ ପବନରେ ଟଳି ପଡ଼ିଲାଗଛ, ଅଳ୍ପକେ ବର୍ତ୍ତିଲେ ଗ୍ରାମବାସୀ

ନୂଆପଡ଼ା,(ବିରବଲ ପ୍ରଧାନ) , (ପି.ଏନ): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ଲଘୁଚାପ ଜନିତ ଲଗାଣ ବର୍ଷା ରେ ଆଜି ଅର୍ଦ୍ଧରାତ୍ରିରେ ବହୁ ପୁରୁଣା ବିରାଟ ତେନ୍ତୁଳି ଗଛ ପଡିଯିବାରୁ ଗାଁ ଲୋକମାନେ ଅଳ୍ପକେ ବର୍ତିବା ସହିତ ରାସ୍ତା ଅବରୋଧ ହୋଇଯାଇଛି । ସିଆ ଲଲଟି ପଂଚାୟତର ଭାଲୁକୋନା ଗାଁରେ ବହୁ ପୁରୁଣା ବିରାଟ ତେନ୍ତୁଳି ଗଛ ଗାଁର ମଧଭାଗରାସ୍ତା କଡରେ ରହିଥିଲା । ଗଛର ଅବସ୍ଥାଯେଉଁ ପ୍ରକାର ରହିଥିଲା କେତେବେଳେ ପଡିଯିବ କାହାକୁ ମଧ ଜଣାନଥିଲା । କେତେବେଳେ ଗଛ ପଡିଯିବ ବୋଲି ଗ୍ରାମବାସୀ ପକ୍ଷରୁ ଅନେକଥର ବନ ବିଭାଗକୁ ଜଣାଇଥିଲେ, ହେଲେ ବନ ବିଭାଗ କଥାକୁ ଶୁଣିଲା ନାହିଁ । ବିପଦ ସଂକୁଳ ଅବସ୍ଥାରେ ଥିବା ପୁରୁଣା ବିରାଟ ଗଛ



ଆଜି ଅର୍ଦ୍ଧରାତ୍ରିରେ ବର୍ଷାପବନରେ ପଡିଯାଇଛି । ଗଛ ପଡିବା ଦ୍ୱାରା କୌଣସି ଜୀବନ ହାନି ହୋଇ ନ ଥିବା ବେଳେ ପାଖରେ ଥିବା ଟ୍ରାକଟର ଟ୍ରଲି ଓ ଦୁଇଟି ଘରକୁ ସାମାନ୍ୟ ଧକ୍କା ଲାଗିଛି । ବିଦ୍ୟୁତ ଖମ୍ବଗୁଡ଼ିକସମ୍ପୂର୍ଣ ଭାଙ୍ଗି ଯାଇଥିବାବେଳେ ପାଞ୍ଚ ରୁ ଛଟି ଖମ୍ବ ବିପଦ ସଂକୁଳ ଅବସ୍ଥାରେ ରହିଛି । ସ୍ଥାନୀୟ ଲୋକେ ବିଦ୍ୟୁତବିଭାଗ କୁ ଓ ଅଗ୍ନିଶମ ବିଭାଗକୁ ଖବର କରିବାରୁ ଘଟଣା ସ୍ଥଳକୁ ଆସି ବିଦ୍ୟୁତ ସରୋବରାହ ବନ୍ଦ କରିବାସହ ପଡିରହିଥିବା ତେନ୍ତୁଳି ଗଛ କୁ କାଟି ବାହାର କରିବାରୁ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଛି ।

## ସରସ୍ୱତୀ ଶିଶୁ ମନ୍ଦିରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା,(ପି.ଏନ):-ବାଘମାରି ଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ସମାଜ ସେବୀ ବ୍ରଜବନ୍ଧୁ ସୁବୁଦ୍ଧିଙ୍କ ପୌରହିତ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜ ଏବଂ ପରିବେଶର ସନ୍ତୁଳନ ପାଇଁ ବୃକ୍ଷରୋପଣ ନିତ୍ୟାନ୍ତ ଆବଶ୍ୟକ ଏବଂ ଗଛ ବଂଚିଲେ ମଣିଷ ବଂଚିବ ବୋଲି ଶ୍ରୀ ସୁବୁଦ୍ଧି ଛୋଟ ପିଲାମାନଙ୍କ ସହିତ ଜନସାଧାରଣଙ୍କୁ ନିଜ ବକ୍ତବ୍ୟରେ କହିଥିଲେ। ଗୋଟିଏ ଗଛକୁ ଯତ୍ନ ନେଇ ବଡ଼ କରିବା ଏକ ମଣିଷ ସନ୍ତାନକୁ ପାଳି ବଡ଼ କରିବା ଠାରୁ କିଛି କମ୍ ନୁହେଁ ବୋଲି ସମିତି ସଭ୍ୟା ଶ୍ରୀମତୀ ନବନିତା ମହାନ୍ତି ପିଲାମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ମୋନାଲିସା ରାଉତରାୟ, ପ୍ରସନ୍ନ କୁମାର କହଲସିଂହ, ଚକ୍ରଧର ପାଇକରାୟ ବିଦ୍ୟାଳୟର ପ୍ରତିଷ୍ଠାତା ଶଶି ଭୂଷଣ ରଥ, ସାମ୍ବାଦିକ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରିବାରେ ସହଯୋଗ କରିଥିଲେ। ଶେଷରେ ସାମ୍ବାଦିକ ଶ୍ରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାହୁଲ ଗାନ୍ଧୀଙ୍କ ଦଣ୍ଡା ଦେଶ ସୁପ୍ରିମକୋର୍ଟରେ ସ୍ଥଗିତ ହେତୁ ରାହୁଲ ଗାନ୍ଧୀଙ୍କୁ ଅଭିନନ୍ଦନ



ଭୁବନେଶ୍ୱର,(ପି.ଏନ): ରାହୁଲଗାନ୍ଧୀଙ୍କର ତଳ କୋର୍ଟରେ ଦଣ୍ଡା ଦେଶ ଆଜି ସୁପ୍ରିମ୍‌କୋର୍ଟ ସ୍ଥଗିତ କରିଥିବାରୁ ସମଗ୍ର କଂଗ୍ରେସ ପରିବାରରେ ଆନନ୍ଦ ଉତ୍ସାହ ଖେଳିଯାଇଛି। ତାମିଲନାଡୁ ରାଜ୍ୟ ସଂପର୍କୀୟ ସଂଗଠନ ସମ୍ପର୍କରେ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖର୍ଗେ ଓ ଶ୍ରୀ ରାହୁଲ ଗାନ୍ଧୀ ହଜାର ହଜାର ଲୋକ ବାଜା ଓ ବାଣ ଫୁଟାଇ ସ୍ୱାଗତ କରିଥିଲେ। ଏହି ସମାବେଶରେ ଯାଜପୁର ଜିଲ୍ଲାରୁ ବହୁ କଂଗ୍ରେସ କର୍ମୀ ଯାଜପୁର ରୋଡ଼ ଜଖପୁରା ରେଳ ଲାଇନ୍ ଦାବିରେ ଧାରଣାକୁ ଆସିବା ଅବସରରେ ଅଖିଳ ଭାରତ କଂଗ୍ରେସ କମିଟିରେ ମୋ ସହିତ ମହଜୁଦ୍ ଥିଲେ। ସୁପ୍ରିମକୋର୍ଟ ଦଣ୍ଡା ଦେଶ ସ୍ଥଗିତ ହେଲା ପରେ ସାରା ଦେଶରେ ଓ କଂଗ୍ରେସ ମହଲରେ ଆନନ୍ଦ ଉତ୍ସାହ ଖେଳିଯାଇଛି। ପୂର୍ବତନ ବିଶିଷ୍ଟ କଂଗ୍ରେସ ନେତା, ପୂର୍ବତନ ସି.ଡବ୍ଲ.ସି ମେମ୍ବର, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ଏକ ବିବୃତିରେ ରାହୁଲ ଗାନ୍ଧୀଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ଦେଶର କୋଟି କୋଟି ଯୁବକ, ଛାତ୍ର ଓ ମହିଳା, କୃଷକ ଓ ଶ୍ରମିକ ରାହୁଲ ଗାନ୍ଧୀଙ୍କ ପଛରେ ଦୃଢ଼ ଭାବରେ ଅଛନ୍ତି ବୋଲି କହିଛନ୍ତି।

# କେନ୍ଦ୍ରୀୟ ବ୍ୟାଙ୍କ ରେକର୍ଡ ସୁନା କିଣି ଥିବାରୁ ଜାରି ରହିବ ସୁନାର ଚାହିଦା

ଭୁବନେଶ୍ୱର,(ପି.ଏନ): ବିଶ୍ୱ ସୁନା ପରିଷଦର ସଦ୍ୟତମ ସୁନା ଚାହିଦା ଧାରା ରିପୋର୍ଟରୁ ଜଣାପଡ଼ିଛି ଯେ ବର୍ଷର ପ୍ରଥମ ଭାଗରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ରେକର୍ଡ ସୁନା କିଣିବା ଓ ସୁସ୍ଥକର ନିବେଶ ବଜାର ଏବଂ ସ୍ଥିର ଅଳଙ୍କାର ଚାହିଦାରୁ ସୁନା ଉପକୃତ ହେବ। ଦ୍ୱିତୀୟ ତ୍ରୈମାସିକରେ ସୁନା ଚାହିଦା (ଓଟିସିକୁ ବାଦ ଦେଇ) ୨% ହ୍ରାସ ପାଇ ବର୍ଷା/ ବର୍ଷରେ ୯୨୧ ଟନ୍ ହୋଇଛି, ଯଦିଓ ମୋଟ ଚାହିଦା (ଓଟିସି)କୁ ମିଶାଇ ବର୍ଷା/ବର୍ଷ ୭% ବୃଦ୍ଧି ପାଇଥିଲା ଯାହା ବିଶ୍ୱ ସ୍ତରରେ ଏକ ଦୃଢ଼ ସୁନା ବଜାରକୁ ଦର୍ଶାଉଛି। ଦ୍ୱିତୀୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କ ଚାହିଦା ବର୍ଷା/ବର୍ଷରେ ୧୦୩ ଟନ୍‌କୁ ହ୍ରାସ ପାଇଛି। ତୁର୍କୀ ସୁନା ବିକିବା, ଦେଶ ଭିତିକ ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ପାଇଁ ଏଭଳି ଘଟିଛି। ମାତ୍ର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବର୍ଷର ପ୍ରଥମ ଛଅ ମାସରେ ରେକର୍ଡ ୩୮୭ ଟନ୍ ସୁନା କିଣିଛନ୍ତି ଏବଂ ଦୀର୍ଘକାଳୀନ ସକାରାତ୍ମକ ଧାରା ଅନୁସାରେ ତ୍ରୈମାସିକ ଚାହିଦା ରହିଛି ଯାହା ଜଣାଉଛି ଯେ ବର୍ଷସାରା ସରକାରୀ କ୍ଷେତ୍ରରେ ସୁନା କିଣା ଦୃଢ଼ ରହିବ। ବିଶ୍ୱ ସୁନା ପରିଷଦର ସିନିଅର ମାର୍କେଟ ଆନାଲିଷ୍ଟ ଲାଉସି ଷ୍ଟ୍ରିଟ୍ କହିଛନ୍ତି ଯେ, ନ୍ତକେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ରେକର୍ଡ ଚାହିଦା ଗତବର୍ଷ ସୁନା ବଜାର ଉପରେ ପ୍ରଭାବ ବିସ୍ତାର କରି ରଖିଥିଲା ଏବଂ ଦ୍ୱିତୀୟ ତ୍ରୈମାସିକରେ ମନ୍ଥର ଗତି ସାଂପ୍ରତିକ ଭୂରାଜନୈତିକ ଉତେଜନା ଓ ସାରା ବିଶ୍ୱରେ ଦେଖାଦେଇଥିବା ଅର୍ଥନୈତିକ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ଏକ ସୁରକ୍ଷିତ ସଂପତି ଭାବେ ସୁନାର ଗୁରୁତ୍ୱକୁ ଜଣାଉଛି। ୨୦୨୩ର ଦ୍ୱିତୀୟ ତ୍ରୈମାସିକରେ ଅର୍ଥନୀତିରେ ହ୍ରାସ ସୁନାକୁ ଉପରକୁ ନେଇଛି ଯାହା ଏକ ସୁରକ୍ଷିତ ସଂପତି ମାନ୍ୟତା ଭାବେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରୁଛି। ଏଭଳି ସ୍ଥିତିରେ ନିବେଶକ ଓ କେନ୍ଦ୍ରୀୟ ବ୍ୟାଙ୍କ ଚାହିଦାରୁ ସୁନାକୁ ସହଯୋଗ ମିଳିବ ଯାହା ଗ୍ରାହକଙ୍କ ବ୍ୟୟରେ ହ୍ରାସ ଯୋଗୁଁ ଅଳଙ୍କାର ଓ ପ୍ରଯୁକ୍ତି ଚାହିଦାରେ ଥିବା ଦୁର୍ବଳତାକୁ ଦୂର କରିବ।'' ବିଶ୍ୱ ସୁନା ପରିଷଦ ପକ୍ଷରୁ ସୁନା ଚାହିଦା ଧାରାର ୩୦ ବର୍ଷ ପାଳନ କରାଯାଉଛି। ବର୍ଷର ଆଗାମୀ ଦିନଗୁଡ଼ିକ ଦୃଷ୍ଟିରୁ ସୁନାକୁ ନେଇ ଆମେ ବେଶ ସତର୍କ ରହିଛୁ କାରଣ ବ୍ୟୟରେ ମାନ୍ଦାବସ୍ଥା ଓ ସ୍ଥାନୀୟ ମୂଲ୍ୟରେ ବୃଦ୍ଧିକୁ ନେଇ ଅନିଶ୍ଚିତତା ଲାଗିରହିଛି। ମାତ୍ର ମୌସୁମୀ ଋତୁର ସଫଳତା ଦୀପାବଳି ପୂର୍ବରୁ ମନୋବଳକୁ ଦୃଢ଼ କରିବ ଏବଂ ସକାରାତ୍ମକ ଚମତ୍କାରିତା ପ୍ରଦାନ କରିବ। ୨୦୨୩ର ପ୍ରଥମ ୬ ମାସର ଚାହିଦା ୨୭୧ ଟନ୍ ଥିବାରୁ ବର୍ଷତମାମ ପାଇଁ ଆମ ଆକଳନ ୨୦୨୩ରେ ୬୫୦-୭୫୦ ଟନ୍ ମଧ୍ୟରେ ରହିବ।''

## ଇଂଗ୍ରାଜୀ ମିଡିୟମ କଲମ ପବ୍ଲିକ ସ୍କୁଲକୁ ମୁରୀ ମିଳିବା ନେଇ ଚର୍ଚ୍ଚା

ପାରାଦୀପ,(ପି.ଏନ): ପାରାଦୀପ ବିଜୟଚନ୍ଦ୍ରପୁର ଗ୍ରାମରେ ଏକ ଇଂଗ୍ରାଜୀ ମିଡିୟମ କଲମ ପବ୍ଲିକ ସ୍କୁଲ ଅବସ୍ଥିତ । ଏହି ସ୍କୁଲରେ ନର୍ସରୀ ଠାରୁ ଆରମ୍ଭ କରି ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି । କିନ୍ତୁ ଏହି ସ୍କୁଲ ଯେଉଁ ଜାଗାରେ ଅବସ୍ଥିତ ସେହି ସ୍ଥାନଟି ଏକ ବିପଦ ସଙ୍କୁଳ ସମ୍ବେଦନଶିଳ ଅଟେ । ସ୍କୁଲର ପାଚେରୀକୁ ଲାଗି ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଥିବା ବେଳେ ପୌର ପ୍ରଶାସନର ଅଳିଆଗଦା ଓ ଘାସ ଜଙ୍ଗଲରେ ପରିପୂର୍ଣ୍ଣ। ତତ୍‌ସହିତ ସ୍କୁଲଟି ଏକ ଗଳି ରାସ୍ତାରେ ହୋଇଥିବାରୁ ପିଲାମାନଙ୍କୁ ଯିବା ଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏହି ସ୍କୁଲର ଚ ୁର୍ପାର୍ଶ୍ୱରେ ୧୫ରୁ ଅଧିକ ବିଭିନ୍ନ ଦୋକାନ ବଜାର ଥିବାବେଳେ ସେଠାରେ ସ୍କୁଲ ଚଳାଇବା ପାଇଁ କିଭଳି ଅନୁମତି ମିଳିଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ସ୍କୁଲର ପରିବେଶ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ଛୋଟ

# ଦୀପିକା ପାଦୁକୋନଙ୍କୁ ବ୍ରାଣ୍ଡ ଆମ୍ୱାସାଡର ଭାବେ ଘୋଷଣା କରିଛି ଡାଇସନ

ଭୁବନେଶ୍ୱର,(ପି.ଏନ): ବିଶ୍ୱସ୍ତରୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଦୀପିକା ପାଦୁକୋନଙ୍କୁ ଏକ ହେୟାର କେୟାର ଟେକ୍ନୋଲୋଜିସ୍ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି । ଏହି ସହଭାଗିତା ମାଧ୍ୟମରେ ଡାଇସନ କେଶ ସ୍ୱାସ୍ଥ୍ୟ ବଜାୟ ରଖିବାର ଗୁରୁତ୍ୱ ସମ୍ପର୍କରେ ସଚେତନତା ବଢ଼ାଇବା ଏବଂ ଡାଇସନର ବୈଷୟିକ ଅତ୍ୟାଧୁନିକ ଷ୍ଟାଇଲିଙ୍ଗ ଉପକରଣଗୁଡ଼ିକର ପ୍ରାସଙ୍ଗିକତା ଜାରି ରଖିବାକୁ ଲକ୍ଷ୍ୟ ରଖିଛି। ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଙ୍କିତ ଜୈନ କହିଛନ୍ତିଯେ, ନ୍ତଆମେ ଦୀପିକା ପାଦୁକୋନଙ୍କ ସହ ସହଭାଗିତା କରି ଆନନ୍ଦିତ। ଅତ୍ୟାଧୁନିକ ଇନିୟରିଂ ଏବଂ ଭବିଷ୍ୟ ଚିନ୍ତିତ ଡିଜାଇନକୁ ଏକାଠି କରି ଡାଇସନ କେଶ ଯନ୍ତ୍ ଟେକ୍ନୋଲୋଜି, ଆମର କେଶ ଯନ୍ତ୍ ଏବଂ ଏହାକୁ ଷ୍ଟାଇଲ କରିବା ଢଙ୍ଗରେ ପରିବର୍ତନ ଆଣିଛି ଏବଂ ଆଗକୁ ମଧ ଜାରି ରଖିବ। ଦୀପିକାଙ୍କ ସହିତ ଆମର ସହଭାଗିତା ଭାରତୀୟ କେଶ ପାଇଁ ବହୁମୁଖୀ, ସୁସ୍ଥ ଦୈନନ୍ଦିନ ଷ୍ଟାଇଲିଂ ଉପରେ ଆଲୋଚନାକୁ ଆହୁରି ଗୁରୁତ୍ୱ ଦେବ ।ନ୍ତଡାଇସନ ହେୟାର କେୟାର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନ ନିଜ ସହଭାଗିତା ସମ୍ପର୍କରେ ମତ ରଖି କହିଛନ୍ତିଯେ, ନ୍ତଉଭାବନ ପ୍ରତି ଡାଇସନର ପ୍ରତିବଦ୍ଧତା ଏବଂ ସୁସ୍ଥ ହେୟାର ଷ୍ଟାଇଲିଙ୍ଗ ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରଦାନ କରିବା ଉପରେ ଏହାର ଧ୍ୟାନକୈନ୍ଦ୍ରିକତା ମୋତେ ପ୍ରତିଫଳିତ କରୁଛି। ମୁଁ ଆଶାବାଦୀ ଯେ ଏହି ସହଭାଗିତା ଲୋକମାନଙ୍କୁ ଏକ ଉନ୍ନତ ଷ୍ଟାଇଲ ହାସଲ କରିବା ସମୟରେ ସୁସ୍ଥ କେଶ ବଜାୟ ରଖିବାର ମହତ୍ୱ ସମ୍ପର୍କରେ ଅଧିକ ସଚେତନ ରହିବା ଦିଗରେ ଅନୁପ୍ରାଣିତ କରିବ ।ନ୍ତଡାଇସନ ଟେକ୍ନୋଲୋଜି ଅଗ୍ରଗତି ଉପରେ ନିରନ୍ତର ଭାବେ ବିନିଯୋଗ କରିଛି । ସାତବର୍ଷ ପୂର୍ବେ, ଏହା ଡାଇସନ ସୁପରସୋନିକଟିଏମ ହେୟାରଡ୍ରାୟରର ଶୁଭାରମ୍ଭ ସହିତ କେଶ ଯନ୍ତ୍ରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲା । ଏହା ଏକ ମେଶିନ ଯାହା କେଶକୁ ଶୀଘ୍ର ଶୁଖାଇବା ପାଇଁ ଦ୍ରୁତ, ନିୟନ୍ତ୍ରିତ ବାୟୁପ୍ରବାହ ଏବଂ ବୁଦ୍ଧିମାନ ତାପ ନିୟନ୍ତ୍ରଣର ବ୍ୟବହାର କରିଥାଏ ଯେବେକି କେଶକୁ ମଜବୁତ ଏବଂ ସୁସ୍ଥ ରଖିଥାଏ । ସେବେଠାରୁ ଡାଇସନ ସମସ୍ତ ପ୍ରକାରର କେଶ ପାଇଁ ଉନ୍ନତମାନର ଷ୍ଟାଇଲ ଯୋଗାଇଦେବା ଲାଗି ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାରର ଷ୍ଟାଇଲିଙ୍ଗ ଉପକରଣ ବିକଶିତ କରିଛି, ଯାହାକି ଅତ୍ୟଧିକ ତାପ ସଙ୍ଘର୍ଷରେ ଆସିବାକୁ କମ୍ କରିଛି । ଡାଇସନ ଷ୍ଟାଇଲିଙ୍ଗ ଉପକରଣଗୁଡ଼ିକର କାର୍ଯ୍ୟଦକ୍ଷତା ଥର୍ମାଲ, ଯାନ୍ତ୍ରିକ ଏବଂ ରସାୟନିକ କ୍ଷତିର ପ୍ରଭାବକୁ ବୁଝି କେଶର ଗଠନ ଠାରୁ ଆରମ୍ଭ କରି ବାୟୁପ୍ରବାହ ଗତିଶୀଳତା ପର୍ଯ୍ୟନ୍ତ ଏକ ଦଶନ୍ଧିରୁ ଅଧିକ ସମୟର ଗବେଷଣାରୁ ଉତ୍ପନ୍ନ ହୋଇଛି ।

# ଏଡବ୍ଲ୍ୟୁଏସ୍ ଇଣ୍ଡିଆ ସହ ସହଭାଗିତା କରିଛି ଡିଜିଟି

ଭୁବନେଶ୍ୱର,(ପି.ଏନ): ଦକ୍ଷତା ବିକାଶ ଓ ଉଦ୍ୟୋଗ (ଏମ୍‌ଏସ୍‌ଡିଇ) ମନ୍ତ୍ରଣାଳୟ ଅଧିନରେ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଟ୍ରେନିଙ୍ଗ୍ (ଡିଜିଟି) ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ କ୍ଷମତା ଓ ନିଯୁକ୍ତି ପାଇଁ ଯୋଗ୍ୟତା ବୃଦ୍ଧି କରିବା ଲାଗି ସେମାନଙ୍କୁ କ୍ଲାଉଡ୍ କମ୍ପ୍ୟୁଟିଂ, ଡାଟା ଆନୋଟେଶନ, ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଓ ମେଶିନ୍ ଲର୍ଣ୍ଣିଂ (ଏମ୍‌ଏଲ୍) କ୍ଷେତ୍ରରେ ଦକ୍ଷ କରିବା ପାଇଁ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ସହ ସହଭାଗିତା କରାଯାଇଛି। ଏହି ଅଭିଯାନ ଡିଜିଟି ଅଧିନରେ ଥିବା ଶିକ୍ଷାନୁଷ୍ଠାନଗୁଡିକରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଉପକୃତ କରିବ, ଡିଜିଟି ହେଉଛି ଭାରତବ୍ୟାପୀ ପ୍ରାୟ ୧୫୦୦୦ ଇଣ୍ଡଷ୍ଟିଆଲ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ (ଆଇଟିଆଇ) ଓ ୩୩ଟି ନ୍ୟାଶନାଲ ସ୍କିଲ୍ ଟ୍ରେନିଙ୍ଗ୍ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଏସ୍‌ଟିଆଇ)ର ଏକ ବିସ୍ତୃତ ନେଟ୍‌ୱର୍କ ମାଧ୍ୟମରେ ଦୀର୍ଘାବଧି ଇନ୍‌ଷ୍ଟିଚ୍ୟୁଶନାଲ ସ୍କିଲ୍ ଟ୍ରେନିଙ୍ଗ୍‌କୁ କାର୍ଯ୍ୟକାରୀ କରୁଥିବା ଏକ ସଂସ୍ଥା। ଏସମ୍ପର୍କରେ ଏମ୍‌ଏସ୍‌ଡିଇର ସଚିବ ଅତୁଲ କୁମାର ତିୱାରୀ କହିଛନ୍ତି, 'ଆମେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ଉଚ୍ଚ ଚାହିଦାପୂର୍ଣ୍ଣ, ଉଦୀୟମାନ ଟେକ୍ନୋଲୋଜିଗୁଡିକ ଉପରେ ପ୍ରଶିକ୍ଷଣ ପ୍ରଦାନ କରୁଛୁ, ସେମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛୁ ଏବଂ ସେମାନଙ୍କ ନିଯୁକ୍ତି କ୍ଷମତାକୁ ବୃଦ୍ଧି କରୁଛୁ। ଏଡବ୍ଲ୍ୟୁଏସ୍ ସହିତ ଏହି ସହଭାଗିତା ମାଧ୍ୟମରେ ଆମେ ଖୁସି ଯେ, ଆଇଟିଆଇ ଓ ଏନ୍‌ଏସ୍‌ଟିଆଇର ଛାତ୍ରଛାତ୍ରୀମାନେ କ୍ଲାଉଡ୍ କମ୍ପ୍ୟୁଟିଂ, ଡାଟା ଆନୋଟେଶନ, ଏଆଇ ଓ ଏମ୍‌ଏଲ୍ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ଇନ୍-ଡିମାଣ୍ଡ ସ୍କିଲ୍ ଓ ଅନୁଭୂତି ପାଇପାରିବେ। ଏହି ଟେକ୍ନୋଲୋଜିଗୁଡିକ କ୍ଷେତ୍ରରେ ଶିକ୍ଷାବିତ୍‌ଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଏଡବ୍ଲ୍ୟୁଏସ୍ ପ୍ରଦାନ କରିବାକୁ ଥିବା ପ୍ରଶିକ୍ଷଣ ମୂଲ୍ୟବାନ ହେବ ଏବଂ ସେମାନଙ୍କୁ ଉତମ ଶିକ୍ଷା ଫଳାଫଳ ପ୍ରଦାନ କରିବା ପାଇଁ ସଶକ୍ତ କରିବ।' ସେହିପରି ଏଡବ୍ଲ୍ୟୁଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଏଜୁକେଶନ, ସ୍ପେଶ୍, ନନ୍-ପ୍ରଫିଟ୍, ଚ୍ୟାନେଲ ଓ ଆଲିଆନ୍ସ ବିଭାଗ ମୁଖ୍ୟ ସୁନିଲ ପିପି କହିଛନ୍ତି, 'କ୍ଲାଉଡ୍ କମ୍ପ୍ୟୁଟିଂ, ଏଆଇ ଓ ଏମ୍‌ଏଲ୍ ପ୍ରାୟ ପ୍ରତ୍ୟେକ ଶିଳ୍ପକୁ ରୂପାନ୍ତରଣ କରିଛି ଏବଂ ଏଭଳି ଟେକ୍ନୋଲୋଜି କ୍ଷେତ୍ରରେ ଏକ ଦକ୍ଷ ଶ୍ରମବଳ ବିକଶିତ କରିବା, ଉଦ୍ଭାବନକୁ ପରିଚାଳନା କରିବା ଓ ଦେଶର ପ୍ରତିଯୋଗିପୂର୍ଣ୍ଣତାକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଏଡବ୍ଲ୍ୟୁଏସ୍-ଆଧାରିତ ପାଠ୍ୟକ୍ରମ ଓ ଶିକ୍ଷା ସଂଶାଧନ ପ୍ରଦାନ କରି ଆମେ ବୃହତ୍ ସ୍ତରରେ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରୁଛୁ ଏବଂ ଭାରତର ଭବିଷ୍ୟତର ଡିଜିଟାଲ ଶ୍ରମବଳ ବିକଶିତ କରୁଛୁ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray